ଆଜି - ରବିବାର
ତାରିଖ - ୦୩ ମଇ ୨୦୨୬
ମାସ - ମେଷ, ଦିନ - ୨୦
ତିଥି - ଦ୍ୱିତୀୟା, ପକ୍ଷ-ଶୁକ୍ଳ
ନକ୍ଷତ୍ର - ବିଶାଖା ମଳ, ବିଛା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୧: ୦୦
ସୂର୍ଯ୍ୟାସ୍ତ - ୬ : ୦୭ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଯେଉଁଦିନ ଜୀବନର ଚଲାପଥରେ ଆମେ କୌଣସି ସମସ୍ୟାର ସମ୍ମୁଖୀନ ନହେଉ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ଆମେ ଭୁଲ୍ ବାଟରେ ଚାଲୁଛୁ ।"

- ସ୍ୱାମୀ ବିବେକାନନ୍ଦ


E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 19 R.N.I. REGD. No. 44026/86 ବାଲେଶ୍ୱର ୦୩ ମଇ ୨୦୨୬ ରବିବାର BALASORE 03 MAY 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଲେହରେ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ପ୍ରଦର୍ଶନୀ ଉଦ୍‌ଘାଟନରେ ଖୁସି ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଲେହରେ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ପ୍ରଦର୍ଶନୀର ଉଦଘାଟନରେ ଖୁସି ପ୍ରକାଶ କରିଛନ୍ତି । ଏହା ଶୁକ୍ରବାର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଉଦଘାଟନ କରାଯାଇଥିଲା । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ କାର୍ଯ୍ୟକ୍ରମର ଫଟୋ ସେୟାର କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ପବିତ୍ର ଅବଶେଷ କପିଳବାସ୍ତୁର ପିପ୍ରହୱା ସ୍ତୁପ ସହିତ ଜଡିତ ଏବଂ ୧୯ ଶତାବ୍ଦୀର ଶେଷ ଭାଗରେ ଖନନ ସମୟରେ ଆବିଷ୍କୃତ ହୋଇଥିଲା । ଏହି ଅବଶେଷ ଭଗବାନ ଗୌତମ ବୁଦ୍ଧଙ୍କ ଶିକ୍ଷାର ପ୍ରତୀକ । ସେ କହିଛନ୍ତି ଯେ ପ୍ରଦର୍ଶନୀଟି ମେ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଆଗାମୀ ଦିନରେ ଜାନ୍ସକାର ଅଂଚଳକୁ ନିଆଯିବ । ପ୍ରଧାନମନ୍ତ୍ରୀଙ୍କ ଅନୁଯାୟୀ, ଏହି କାର୍ଯ୍ୟକ୍ରମ ଲଦାଖର ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ପଦକ୍ଷେପ ଲଦାଖରେ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ । ପ୍ରଧାନମନ୍ତ୍ରୀ ଲେଖିଛନ୍ତି, 'ଏହା ବହୁତ ଖୁସିର କଥା ଯେ ଗତକାଲି ବୁଦ୍ଧ ପୂର୍ଣ୍ଣିମା ଅବସରରେ ଲେହରେ ତଥାଗତଙ୍କ ପବିତ୍ର ଅବଶେଷର ଏକ ପ୍ରଦର୍ଶନୀ ଉଦ୍ଘାଟିତ ହୋଇଥିଲା । ଏହି ପୂଜ୍ୟ ଅବଶେଷ କପିଳବାସ୍ତୁର ପିପ୍ରହୱା ସ୍ତୁପ ସହିତ ଜଡିତ ଏବଂ ୧୯ ଶତାବ୍ଦୀର ଶେଷ ଭାଗରେ ଖନନ ସମୟରେ ଆବିଷ୍କୃତ ହୋଇଥିଲା । ସେମାନେ ଭଗବାନ ବୁଦ୍ଧଙ୍କ ଅନନ୍ତ ଶିକ୍ଷାର ପ୍ରତୀକ । ଏହି ପ୍ରଦର୍ଶନୀ ମେ ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଆଗାମୀ ଦିନରେ, ଏହା ଜାନ୍ସକାରକୁ ମଧ ଯାତ୍ରା କରିବ । ଏହା ଲଦାଖର ଲୋକମାନଙ୍କୁ ସେମାନଙ୍କର ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏକ ଅମୂଲ୍ୟ ସୁଯୋଗ ପ୍ରଦାନ କରିବ । ଏହା ଲଦାଖରେ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ପର୍ଯ୍ୟଟନକୁ ମଧ ପ୍ରୋତ୍ସାହିତ କରିବ ।



# ପ୍ରକାଶ ପାଇଲା ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ

## ରାଜ୍ୟରେ ମୋଟ୍ ପାସ୍ ହାର ୯୫.୩୩ %

ଭୁବନେଶ୍ୱର : ପ୍ରକାଶ ପାଇଲା ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ । ରାଜ୍ୟରେ ଚଳିତ ବର୍ଷ ୫ ଲକ୍ଷ ୩୬ ହଜାର ୩୦୬ ଜଣ ରେଗୁଲାର୍ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୫ ଲକ୍ଷ ୧୯ ହଜାର ୨୫୧ ଜଣ ପାସ୍ ହୋଇଛନ୍ତି । ଚଳିତଥର ପାସ୍‌ହାର ୯୫.୩୩ % ରହିଛି । ସେହିପରି ଛାତ୍ରଙ୍କ ପାସ୍‌ହାର ୯୪.୦୩ % ଥିବାବେଳେ ଛାତ୍ରୀଙ୍କ ପାସ୍‌ହାର ୯୬.୩୭ % ରହିଛି । ରାଜ୍ୟର ୩୩୧୦ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି । ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଫଳ ପ୍ରକାଶନ ଅବସରରେ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ରହି ଫଳାଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ । ଚଳିତ ବର୍ଷ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ସାର୍ଟିଫିକେଟ୍ ଉପଲବ୍ଧ ହେବ ବୋଲି ଘୋଷଣା କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ । ଫଳ ପ୍ରକାଶନ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼ା ଏନ୍. ତିରୁମାଲା ନାୟକ, ବୋର୍ଡ ସଭାପତି ଶ୍ରୀ ଶ୍ରୀକାନ୍ତ ତରାଇ, ଉପସଭାପତି ଶ୍ରୀ ଅମୂଲ୍ୟ କୁମାର ପ୍ରଧାନ, ସଚିବ ଶ୍ରୀ ସରୋଜ କୁମାର ବେହେରା, କଂଟ୍ରୋଲର୍ ଶ୍ରୀ ଧରଣୀଧର ପାତ୍ରୋ ଉପସ୍ଥିତ ଥିଲେ । ଚଳିତବର୍ଷ ରେଗୁଲାରରେ ୫ ଲକ୍ଷ ୪୪ ହଜାର ୬୭୦ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୫ ଲକ୍ଷ ୩୬ ହଜାର ୩୦୭ ଜଣ ରେଗୁଲାର୍ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୫ ଲକ୍ଷ ୧୯ ହଜାର ୨୫୧ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ଏଥିରେ ଇ୧ ଗ୍ରେଡ୍ ରେ ୨୪୫୬, A୨ ଗ୍ରେଡ୍ ରେ ୧୫,୬୮୧, B୧ ଗ୍ରେଡ୍ ରେ ୪୩,୫୬୫ ଜଣ, B୨ ଗ୍ରେଡ୍ ରେ ୮୬,୧୦୩ ଜଣ, C ଗ୍ରେଡ୍ ରେ ୧ ଲକ୍ଷ ୨୯ ହଜାର ୮୧୩ ଜଣ ପାସ୍, ଉ ଗ୍ରେଡ୍ ରେ ୧ ଲକ୍ଷ ୪୬ ହଜାର ୧୫୨ ଜଣ, ର ଗ୍ରେଡ୍ ରେ ୯୫,୪୮୧ ରେ ହୋଇଛନ୍ତି । ସେହିପରି ମଧ୍ୟମାରେ ୩୩୫୮ ଜଣ ଫର୍ମ ପୂରଣ କରିଥିବା ବେଳେ ୨୯୮୨ ଜଣ ପରୀକ୍ଷା ଦେଇଥିଲେ । ମଧ୍ୟମାରେ ପାସ୍‌ହାର ରହିଛି ୮୭.୩ % । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ରେ ୧୦୦୪୩ ଜଣ ପରୀକ୍ଷା ଦେଇଥିବା ବେଳେ ୭୪୦୫ ଜଣ ପାସ୍ କରିଛନ୍ତି । ପାସ୍ ହାର ୫୯.୮୨ % ରହିଛି । ଗଜପତି ଜିଲ୍ଲାରେ ସର୍ବାଧିକ ୯୯.୩୧ ପ୍ରତିଶତ ପାସ୍ ହାର ରହିଥିବା ବେଳେ କେନ୍ଦୁଝରରେ ସର୍ବନିମ୍ନ ୯୪.୩୫ ପ୍ରତିଶତ ପାସ୍ ହାର ରହିଛି । ସେହିଭଳି କଟକରେ ପାସ୍‌ହାର ରହିଛି ୯୭.୨୨% । ଜଗତସିଂହପୁରରେ ୯୭.୮୯ %, ଯାଜପୁରରେ ୯୪.୬୨ %, କେନ୍ଦ୍ରାପଡାରେ ୯୫.୯୭%, ରାୟଗଡାରେ ୯୬.୫%, ମାଲକାନଗିରିରେ ୯୫.୬୨ %, ନବରଙ୍ଗପୁର ରେ ୯୭.୪ % ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ସେହିଭଳି, ଅନଗୁଳରେ ୯୫.୫୫ %, ଢେଙ୍କାନାଳରେ ୯୪.୫୩ %, ପୁରୀରେ ୯୬.୮ %, ଖୋର୍ଦ୍ଧାରେ ୯୭.୧୭%, ନୟାଗଡ଼ରେ ୯୬.୬୮ %, ବାଲେଶ୍ୱରରେ ୯୭.୭୧ %, ଭଦ୍ରକରେ ୯୬.୦୧%, କୋରାପୁଟରେ ୯୬.୫୮ %, ମୟୂରଭଞ୍ଜରେ ୯୭.୫୨% ପାସ୍‌ହାର ରହିଛି ।




### ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ , ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଏବଂ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ପରୀକ୍ଷା ଫଳ ନିର୍ବିଶେଷରେ, ବିଚଳିତ ନହୋଇ ଦୃଢ଼ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବା ପାଇଁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି । ଆମ ବିଦ୍ୟାର୍ଥୀମାନଙ୍କର ସଂକଳ୍ପ ଓ ନିଷ୍ଠା ହିଁ ଆଗାମୀ ଦିନରେ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ । ସମସ୍ତଙ୍କର ମଙ୍ଗଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ଜାତୀୟ ଶିକ୍ଷା ନୀତି-୨୦୨୦ : ଦୁଇ ଦିନିଆ ଜାତୀୟସ୍ତରୀୟ କର୍ମଶାଳା ଅନୁଷ୍ଠିତ

## ବହୁ ବର୍ଷର ଜଡ଼ତା ଦୂର କରି ଶିକ୍ଷାକୁ ବିଶ୍ୱସ୍ତରୀୟ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା : ମୁଖ୍ୟମନ୍ତ୍ରୀ

## ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ହେଉଛି ଓଡ଼ିଶା : କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର : ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦) ର କାର୍ଯ୍ୟାନ୍ୱୟନ ନେଇ ସ୍ଥାନୀୟ କନଭେନସନ ସେଂଟର ଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ 'ବୈପ୍ଳବିକ ପରିବର୍ତ୍ତନ'ର ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଭାରତର 'ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ିତୋଳିବାକୁ ଏକ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବହୁ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ଥିବା ଜଡ଼ତାକୁ ଦୂର କରିବା ଆମ ସରକାରଙ୍କ ପ୍ରାଥମିକତା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ପ୍ରଣୀତ ଏହି ଶିକ୍ଷା ନୀତି କେବଳ ଏକ ସରକାରୀ ଦସ୍ତାବିଜ୍ ନୁହେଁ, ବରଂ ଏହା ଭାରତକୁ ବିଶ୍ୱର 'ନଲେଜ୍ କ୍ୟାପିଟାଲ୍' ଭାବେ ପ୍ରତିଷ୍ଠିତ କରିବାର ଏକ ମହତ୍ ମିଶନ । ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଏହା ମାନବ ସଭ୍ୟତାର ପ୍ରଗତିର ମୂଳଦୁଆ । ଆମ ପିଲାମାନେ ଯେପରି 'ଇଣ୍ଡଷ୍ଟ୍ରି ରେଡି' ହେବେ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗିତା କରିପାରିବେ, ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶିକ୍ଷାକୁ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଭାବେ ଦର୍ଶାଇ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଶିକ୍ଷା କ୍ଷେତ୍ର ପାଇଁ ୪୧,୨୭୩ କୋଟି ଟଙ୍କାର ଏକ ବିଶାଳ ପାଣ୍ଠି ବ୍ୟୟବରାଦ କରାଯାଇଛି ।




# ବଂଚିତ ହିତାଧିକାରୀଙ୍କୁ ମିଳିବ 'ସୁଭଦ୍ରା' ଟଙ୍କା : ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟର ସୁଭଦ୍ରା ଯୋଜନାରୁ ବଂଚିତ ଥିବା ହିତାଧିକାରୀଙ୍କ ପାଇଁ ଆସିଛି ଏକ ଖୁସି ଖବର । ଆସନ୍ତା ମେ' ୪ ତାରିଖରେ ବଂଚିତ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଟଙ୍କା ପ୍ରଦାନ କରାଯିବ । ଏ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜର ଏକ୍ସ (ପୂର୍ବରୁ ଟଓ୍ୱିଟର) ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି । ମୋଟ ୧ ଲକ୍ଷ ୨୩ ହଜାର ୮୪୯ ଜଣ ବଂଚିତ ହିତାଧିକାରୀଙ୍କୁ ଏହି ଦିନ ସହାୟତା ରାଶି ପ୍ରଦାନ କରାଯିବ । ଏହି ଅବସରରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ଏବଂ କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ ନ ପଡ଼ନ୍ତି, ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀମତୀ ପରିଡ଼ା ପ୍ରକାଶ କରିଛନ୍ତି । ବୈଷୟିକ ତ୍ରୁଟି କିମ୍ବା ବ୍ୟାଙ୍କ କେଓ୍ୱାଇସି ଜନିତ ସମସ୍ୟା କାରଣରୁ ଯେଉଁ ଯୋଗ୍ୟ ମହିଳାମାନେ ପୂର୍ବରୁ ଟଙ୍କା ପାଇବାରୁ ବଂଚିତ ହୋଇଥିଲେ, ସେମାନଙ୍କୁ ଏହି ପର୍ଯ୍ୟାୟରେ ସାମିଲ କରାଯାଇଛି । ଆମ ସରକାର ମା' ମାନଙ୍କୁ ସଶକ୍ତ କରିବା ପାଇଁ ସଂକଳ୍ପବଦ୍ଧ । ଆସନ୍ତା ମେ' ୪ ତାରିଖରେ ବାକି ରହିଯାଇଥିବା ୧,୨୩,୮୪୯ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଟଙ୍କା ପଠାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି । ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟ ସରକାର ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଆସୁଛନ୍ତି ।



## ଆସନ୍ତା ୪ ଦିନ ଯାଏଁ କାଳବୈଶାଖୀ ବର୍ଷା ସମ୍ଭାବନା ନେଇ ଆଲର୍ଟ ଜାରି

ଭୁବନେଶ୍ୱର: ରାଜ୍ୟରେ ଆସନ୍ତା କିଛି ଦିନ ଧରି ପାଗରେ ବଡ଼ ପରିବର୍ତ୍ତନ ଦେଖାଯିବ । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୪ ଦିନ ଯାଏଁ କାଳବୈଶାଖୀ ବର୍ଷା ସମ୍ଭାବନା ନେଇ ଆଲର୍ଟ ଜାରି କରାଯାଇଛି । ବିଶେଷକରି ୪ ଓ ୫ ତାରିଖରେ ଏହାର ପ୍ରଭାବ ସର୍ବାଧିକ ରହିବ ବୋଲି ସତର୍କ କରାଯାଇଛି । ପାଣିପାଗ ବିଭାଗ ଅନୁସାରେ, ସାରା ରାଜ୍ୟରେ ଘଡ଼ଘଡ଼ି ସହ ବିଜୁଳି ପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ ପଶ୍ଚିମ ଓଡ଼ିଶାର କେବଳ କିଛି ଜିଲ୍ଲାକୁ ବାଦ ଦେଲେ ଅଧିକାଂଶ ଅଂଚଳରେ କାଳବୈଶାଖୀ ବର୍ଷା ହେବ । ଉତର ଓ ଦକ୍ଷିଣ ଓଡ଼ିଶାରେ ୪୦ରୁ ୫୦ କିମି ବେଗରେ ଝଡ଼ ପବନ ବହିବା ସହ ବଜ୍ରପାତ ସମ୍ଭାବନା ଥିବାରୁ ଏହି ଅଂଚଳଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ଅନ୍ୟାନ୍ୟ ଜିଲ୍ଲାରେ ମଧ ୟେଲୋ ଆଲର୍ଟ ଜାରି ରହିଛି । ଏହାସହିତ ୪ ଓ ୫ ତାରିଖରେ କିଛି ଜିଲ୍ଲାରେ ବେଗବାନ ପବନ (୫୦-୬୦ କିମି/ଘଂଟା) ଓ ଝଡ଼ ବର୍ଷା ସମ୍ଭାବନା ଥିବାରୁ ଓରେଞ୍ଜ ଆଲର୍ଟ ମଧ ଜାରି ହୋଇଛି । ପାଣିପାଗ ବିଜ୍ଞାନୀମାନେ କହିଛନ୍ତି, ମଧ୍ୟପ୍ରଦେଶରୁ ମଣିପୁର ପର୍ଯ୍ୟନ୍ତ ପୂର୍ବ-ପଶ୍ଚିମ ଟ୍ରଫ୍ ଲାଇନ୍ ଝାଡ଼ଖଣ୍ଡ, ଛତିଶଗଡ ଓ ପଶ୍ଚିମବଙ୍ଗ ଦେଇ ଯାଉଥିବାରୁ ଏହାର ପ୍ରଭାବରେ ଓଡ଼ିଶାରେ କାଳବୈଶାଖୀ ବର୍ଷା ହେବ । ସମୁଦ୍ରତଟ ଅଂଚଳ ପାଇଁ ମଧ ସତର୍କବାଣୀ ଜାରି ହୋଇଛି । ୨ରୁ ୫ ତାରିଖ ପର୍ଯ୍ୟନ୍ତ ସମୁଦ୍ରରେ ବେଗବାନ ପବନ (୪୦-୫୦ କିମି/ଘଂଟା) ଓ ଖରାପ ସମୁଦ୍ର ପରିସ୍ଥିତି ରହିବାରୁ ମାଛଧରାଳିମାନଙ୍କୁ ସମୁଦ୍ରକୁ ନଯିବାକୁ ପରାମର୍ଶ ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଲୋକମାନଙ୍କୁ ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା ଓ ସତର୍କ ରହିବାକୁ ଅନୁରୋଧ କରାଯାଇଛି ।



## ଶେଷ ହେଲା ୧୦୮ ତମ ସାର୍ବଜନୀନ ମୀର୍ଜାପୋଖରୀ ଚନ୍ଦନ ଉତ୍ସବ : ଦର୍ଶକଙ୍କୁ ବିଭୋର କଲା ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲେଶ୍ୱର : ବାଲେଶ୍ୱର ସହରର ଗୋପାଳ ଗାଁରେ ଚାଲିଥିବା ୧୦୮ ତମ ମୀର୍ଜା ପୋଖରୀ ସାର୍ବଜନୀନ ଚନ୍ଦନ ଉତ୍ସବ ୨ ତାରିଖ ରାତିରେ ଉଦଯାପିତ ହୋଇଯାଇଛି । ଗୋପାଳ ଗାଁ, ସୁଏଲପୁର ଓ ମାଣିଖମ୍ବ ଅଂଚଳବାସୀ ମିଳିତ ଭାବେ ଏହି ଆଠ ଦିନିଆ ଉତ୍ସବକୁ ଆୟୋଜନ କରିଥିବା ବେଳେ ହଜାର ହଜାର ଦର୍ଶକଙ୍କ ଭିଡ଼ ଲାଗିଥିଲା ଶେଷ ସନ୍ଧ୍ୟାରେ । ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ଅଂଚଳର ବ୍ୟବସାୟୀମାନେ ଖୋଲିଥିବା ସାଢ଼େ ୩ଶହରୁ ଉର୍ଦ୍ଧ୍ୱରେ ଅସ୍ଥାୟୀ ଷ୍ଟଲରେ ଭଲ ବ୍ୟବସାୟ ହୋଇଥିଲା । କମିଟି ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା । ବାଲେଶ୍ୱର ସହରର ତଥା ଆଖପାଖ ଅଂଚଳରୁ ହଜାର ହଜାର ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଉତ୍ସବକୁ ମନଭରି ଉପଭୋଗ କରିଥିଲେ । ମୀର୍ଜାପୋଖରୀ ଚନ୍ଦନ ଯାତ୍ରାଉତ୍ସବର ଶେଷ ଦିନରେ ବି ସନ୍ଧ୍ୟା ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମେଳାରୁ ବିଭିନ୍ନ ଘରକରଣା ସାମଗ୍ରୀ କିଣାକିଣି ପାଇଁ ଲୋକଙ୍କ ନାହିଁ ନ ଥିବା ଭିଡ଼ ଲାଗିଥିଲା । ଉଦଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ବରିଷ୍ଠ ଆଇନଜୀବି ହରେକୃଷ୍ଣ ଦାଶ, ଆଜିକାଲି ଖବର କାଗଜର ପ୍ରକାଶକ କିଶୋର ଦାସ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ୧୦୮ ବର୍ଷ ଧରି ପୁରାତନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖି ଆସିଥିବା ମୀର୍ଜା ପୋଖରୀ ଚନ୍ଦନ ଉତ୍ସବ କମିଟିର କର୍ମକର୍ତ୍ତା ମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ କମିଟିର ଉତୋରତର କାମନା କରିଥିଲେ । ଅନ୍ୟତମ ଅତିଥି ଭାବେ କମିଟିର ସଭାପତି ବାଲେଶ୍ୱର ପୌର ପରିଷଦର କାଉନସିଲର ପଦ୍ମଲୋଚନ ଲେଙ୍କା ଏଥିରେ ପୌରହିତ୍ୱ କରିବା ସହିତ ଦୀର୍ଘ ବର୍ଷର ପରମ୍ପରା ବହନ କରୁଥିବା ମୀର୍ଜାପୋଖରୀ ଚନ୍ଦନ ଉତ୍ସବ ସମ୍ପର୍କରେ ନିଜର ମତ ରଖିଥିଲେ । କମିଟିର କାର୍ଯ୍ୟକାରୀ ସଭାପତି ଡ. ଲକ୍ଷ୍ମୀ ନାରାୟଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଚଳିତ ବର୍ଷର ଉତ୍ସବ ସଫଳ ହୋଇଛି ଏବଂ ଆସନ୍ତା ବର୍ଷ ଏହି ଉତ୍ସବକୁ ଅଧିକ ଆଡ଼ମ୍ବର ସହକାରେ ପାଳନ କରାଯିବ ବୋଲି କହିଥିଲେ । ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ମନଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ । କମିଟିର ସମ୍ପାଦକ ଅରୁଣ କୁମାର ସ୍ୱାଇଁ ମଂଚରେ ଉପସ୍ଥିତ ରହି ଏହି ସାତ ଦିନିଆ ଉତ୍ସବକୁ ସଫଳ କରିଥିବା କମିଟିର ସମସ୍ତ କର୍ମକର୍ତ୍ତା ଏବଂ ସହଯୋଗ କରିଥିବା ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଇଥିଲେ । ମନୋଜ୍ ଦାସ, ଅବସ୍ ଦାସ୍, ସରୋଜ କୁମାର ଲେଙ୍କା, ଅନୁପ ସ୍ୱାଇଁ, ସପନ ସ୍ୱାଇଁ, ଅବିନାଶ ସ୍ୱାଇଁ, ପ୍ରଭାତ ମହାନ୍ତି, ହରିପଦ ଭୂୟାଁ, ଦେବାନନ୍ଦ୍ ରାଉତ୍, ବିରେନ୍ଦ୍ର କର, ସୌର୍ଯ୍ୟସୁନ୍ଦର ସେନ୍, ଅଶୋକ ତ୍ରିପାଠୀ ପ୍ରମୁଖ କମିଟିର କର୍ମକର୍ତ୍ତା ମଂଚରେ ଉପସ୍ଥିତ ଥିଲେ । ଏହି ଅବସରରେ କମିଟିର ସଭାପତି ଶ୍ରୀ ଲେଙ୍କାଙ୍କୁ ଆଜୀବନ ସେବା ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଶିଳ୍ପଦ୍ୟୋଗୀ ତଥା ସାମାଜିକ କର୍ମୀ ଚିନ୍ମୟ ଦାସ ଏବଂ ଉତ୍ସବ ସ୍ଥଳରେ ସ୍ୱଚ୍ଛତା ରକ୍ଷା ପାଇଁ ସ୍ୱଚ୍ଛତା କର୍ମୀଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ଉପସଭାପତି ଶ୍ରୀକାନ୍ତ ବୁଗୁଡ଼ାଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସଭା ପରେ ଆକର୍ଷଣୀୟ ସଙ୍ଗୀତ ବିଚିତ୍ର ମେଲୋଡି ସହିତ ଯାତ୍ରା ମଂଚରେ ଯାତ୍ରା ନୀଳମାଧବ ପକ୍ଷରୁ ଯାତ୍ରା ପରିବେଷଣ କରାଯାଇଥିଲା ।



# ଉତ୍ସବର ସପ୍ତମ ସନ୍ଧ୍ୟାରେ ଜନସମୁଦ୍ର ପାଲଟିଲା ସମଗ୍ର ଅଂଚଳ





ବାଲେଶ୍ୱର(ନି.ପ୍ର.) ସହରର ଗୋପାଳଗାଁରେ ଚାଲିଥିବା ୧୦୮ ତମ ସାର୍ବଜନୀନ ଚନ୍ଦନ ଉତ୍ସବ ସପ୍ତମ ଦିବସରେ ପହଂଚିଛି । ଏହା ୨ତାରିଖରେ ଶେଷ ହେବ । ଗୋପାଳ ଗାଁ, ସୁଏଲପୁର ଓ ମାଣିଖମ୍ଭ ଅଂଚଳବାସୀ ମିଳିତ ଭାବେ ଉତ୍ସବକୁ ଆୟୋଜନ କରିଛନ୍ତି । ଚଳିତ ବର୍ଷ ଚନ୍ଦନ କମିଟି ପକ୍ଷରୁ ଖୋଲାଯାଇ ଥିବା ସାଢ଼େ ୩ ଶହରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଷ୍ଟଲ୍ ରେ ସହର ତଥା ଜିଲ୍ଲାର ବିଭିନ୍ନ ଅଂଚଳରୁ ବ୍ୟବସାୟୀ ମାନେ ସେମାନଙ୍କର ପସରା ମେଲାଇଛନ୍ତି । ଦର୍ଶକଙ୍କ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଉଛି । ବାଲେଶ୍ୱର ସହରର ତଥା ଆଖପାଖ ଅଂଚଳରୁ ହଜାର ହଜାର ଦର୍ଶକ ପରିବାର ସହ ଏହି ଚନ୍ଦନ ଯାତ୍ରାରେ ବୁଲାବୁଲି କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନ ଭରି ଉପଭୋଗ କରୁଥିବା କହିଛନ୍ତି । ଦିନକ ପୂର୍ବରୁ କାଳବୈଶାଖୀ ଯୋଗୁଁ ଦର୍ଶକଙ୍କ ସେତେଟା ଭିଡ଼ ନଥିବା ବେଳେ ଉତ୍ସବର ସପ୍ତମ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକଙ୍କ ନାହିଁ ନ ଥିବା ଗହଳି ଲାଗିଥିଲା ମୀର୍ଜା ପୋଖରୀ ଚନ୍ଦନ ଯାତ୍ରାରେ । ଜନସମୁଦ୍ର ପାଲଟିଥିଲା ସମଗ୍ର ଅଂଚଳ । ଏହି ଅବସରରେ କମିଟି ପକ୍ଷରୁ ଆୟୋଜିତ ସନ୍ଧ୍ୟା ସଭାରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜିବ କୁମାର ଗିରି, ପୂର୍ବତନ ରେମୁଣା ବିଧାୟକ ସୁଦର୍ଶନ ଯେନା, କଂଗ୍ରେସର ସଦର ବିଧାୟିକା ପ୍ରାର୍ଥିନୀ ମୋନାଲିସା ସାମଲ୍, ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ୧୦୮ ବର୍ଷ ଧରି ପୁରାତନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖି ଆସିଥିବା ମୀର୍ଜା ପୋଖରୀ ଚନ୍ଦନ ଉତ୍ସବ କମିଟିର କର୍ମକର୍ତା ମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । କମିଟିର ସଭାପତି ପଦ୍ମଲୋଚନ ଲେଙ୍କା ଏଥିରେ ସଭାପତିତ୍ୱ କରିବା ସହ ପରମ୍ପରା ବହନ କରୁଥିବା ମୀର୍ଜାପୋଖରୀ ଚନ୍ଦନ ଯାତ୍ରାର ଐତିହ୍ୟ ସଂପର୍କରେ ଆଲୋକପାତ କରିଥିଲେ । କମିଟିର କାର୍ଯ୍ୟକାରୀ ସଭାପତି ଡ. ଲକ୍ଷ୍ମୀ ନାରାୟଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଉତ୍ସବର ସଫଳତା ଏବଂ ଆସନ୍ତା ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ମନଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ । କମିଟିର ସାଧାରଣ ସମ୍ପାଦକ ଅରୁଣ କୁମାର ସ୍ୱାଇଁ ସାତ ଦିନ ଧରି ଚାଲି ଆସିଥିବା ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ । କମିଟିର ଉପସଭାପତି ଶ୍ରୀକାନ୍ତ ବୁଗୁଡ଼ାଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ମନୋଜ୍ ଦାସ, ଅବସ୍ ଦାସ୍, ସରୋଜ କୁମାର ଲେଙ୍କା, ଅନୁପ ସ୍ୱାଇଁ, ସପନ ସ୍ୱାଇଁ, ଅବିନାଶ ସ୍ୱାଇଁ, ପ୍ରଭାତ ମହାନ୍ତି, ହରିପଦ ଭୂୟାଁ, ଦେବାନନ୍ଦ୍ ରାଉତ୍, ବିରେନ୍ଦ୍ର କର, ସୌର୍ଯ୍ୟସୁନ୍ଦର ସେନ୍, ଅଶୋକ ତ୍ରିପାଠୀ, ଶାନ୍ତନୁ ଦାସ୍‌ଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚନ୍ଦନ ସମୟରେ ଜନଗହଳି ମୀର୍ଜା ପୋଖରୀ ଓ ଆଖପାଖ ଅଂଚଳର ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆସୁଥିବା ପୌରକର୍ମଚାରୀ ଓ ସୁପରଭାଇଜରଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବାଲେଶ୍ୱର ଜିଲ୍ଲାରେ ୨୯ହଜାର ୭୧୬ ପରୀକ୍ଷାର୍ଥୀ ଉତୀର୍ଣ୍ଣ: ପାଶ୍‌ହାର ୯୭.୭୧%



ପରୀକ୍ଷାର୍ଥୀ ପାଶ କରିଥିଲା ବେଳେ ପାଶହାର ୯୭.୭୧ ପ୍ରତିଶତ ହୋଇଥିବା ଜଣାପଡ଼ିଛି ।

ବାଲେଶ୍ୱର,(ନି.ପ୍ର.): ସ୍ୱଳ୍ପ ଦିନର ବ୍ୟବଧାନରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି । ବାଲେଶ୍ୱର ଜିଲ୍ଲାରେ ୫୨୪ଟି ସ୍କୁଲ ପକ୍ଷରୁ ୩୧ହଜାର ୪୧ ଜଣ ପରୀକ୍ଷାର୍ଥୀଙ୍କ ପଂଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୬୨୭ଜଣ ଅନୁପସ୍ଥିତ ଥିଲେ । ଏ୧ରେ ୩୦୫ଜଣ, ଏ୨ରେ ୧୬୯୪ଜଣ, ବି୧ରେ ୪୦୫୩, ବି୨ରେ ୬୨୨୩, ସି-ରେ ୭ହଜାର ୫୦୪, ଡିରେ ୬ହଜାର ୩୬୫, ଇ-ରେ ୩୫୭୨ ପାଶ କରିଥିବା ବେଳେ ଫେଲ ହୋଇଛନ୍ତି ୬୯୮ଜଣ । ବାଳକ ୧୪ହଜାର ୭୭୬ ଉତୀର୍ଣ୍ଣ ହୋଇଥିବା ବେଳେ ବାଳିକା ୧୪ହଜାର ୯୪୦ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି । ମୋଟ ୨୯ହଜାର ୭୧୬ଜଣ

## କାବ୍ୟଶିଳ୍ପୀ ସର୍ବେଶ୍ୱର ଆହତ



ବାଲେଶ୍ୱର,(ନି.ପ୍ର.): ୨ ତାରିଖ ଅପରାହ୍ନରେ ଶ୍ରୀଜଙ୍ଗ ଠାରେ ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟିର ଆଜୀବନ ସଦସ୍ୟ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତା । କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ଏକ ସଡ଼କ ଦୁର୍ଘଟଣାରେ ଶ୍ରୀଜଙ୍ଗ ଠାରେ ଆହତ ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଛନ୍ତି ।

# ସାମ୍ବାଦିକଙ୍କ ଦାବି ପୂରଣ ପାଇଁ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖାର ଧାରଣା



ବାଲେଶ୍ୱର(ନି.ପ୍ର.)ରାଜ୍ୟର ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ନ୍ୟାୟୋ ଚିତ ଦାବିପୂରଣ ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ ଉତରଦାୟୀ ହେବା ସହିତ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟକରୁଛି । ଦାବୀ ହାସଲ ପର୍ଯ୍ୟନ୍ତ ଏହି କାର୍ଯ୍ୟ ସବୁବେଳେ ଚାଲିଥିବ ବୋଲି ବହୁ ବରିଷ୍ଠ ସାମ୍ବାଦିକ ମତ ବ୍ୟକ୍ତ କରିଛନ୍ତି । ମଇ ଦିବସ ଅବସରରେ ଓଡ଼ିଶା ସାମ୍ବାଦିକ ୟୁନିଅନ ରାଜ୍ୟ ଶାଖାର ଡାକରାରେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ କଳାବ୍ୟାଚ ପରିଧାନ କରି ଧାରଣା ଦିଆଯାଇଥିଲା । ରାଜ୍ୟର ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା, ସୁରକ୍ଷା ଆଇନ ଲାଗୁ, ଅଧିସ୍ୱୀକୃତି କମିଟି ବୈଠକ,ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି, ସ୍ୱାସ୍ଥ୍ୟ ବୀମା ରେ ବାପା ମା ଙ୍କୁ ସାମିଲ କରିବା,ମହିଳା ସାମ୍ବାଦିକଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ରେଳ ଯାତ୍ରାରେ ରିହାତି ବ୍ୟବସ୍ଥା ପୁନଃ ଲାଗୁ କରିବା ଦାବିରେ ଏହି ଧାରଣା ଦିଆଯାଇଥିଲା । ଜିଲ୍ଲା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥି,ଅନାମ ଚରଣ ପଣ୍ଡା, ବିବେକାନନ୍ଦ ଦାସ, ସୁରେଶ ଚନ୍ଦ୍ର ଦାସ, ରବୀନ୍ଦ୍ର ମହାକୁଡ ରବିରଞ୍ଜନ ତ୍ରିପାଠୀ,ଉତ୍କଳ ବନ୍ଧୁ ପଣ୍ଡା, ଗଦାଧର ଜେନା, ରମାକାନ୍ତ ପଣ୍ଡା, ଅଜିତ କୁମାର ମହାନ୍ତି, ସୋମନାଥ ସାହୁ,ଅରୂପ କୁମାର ଦାସ,ଜୟଦେବ ଆଚାର୍ଯ୍ୟ, ପ୍ରସଂଜୀତ ଆଶ,ଲକ୍ଷ୍ମୀଧର ଗାଣ, ସୁଶାନ୍ତ କୁମାର ବେହେରା , ହାଇଦର ଖାନ,ସତ୍ୟଭାମା ପ୍ରଧାନ, ଲକ୍ଷ୍ମୀ ନାରାୟଣ ଦାସ, ଅଧିପ କୁମାର ଜେନା,କହ୍ନେଇ ଚରଣ ପ୍ରଧାନ ସଂଜୟ କୁମାର ବେହେରା, ହିମାଂଶୁ ଦାସ, ସମରେଶ ମଣ୍ଡଳ ଭୀଷ୍ମ ଚରଣ ମଲ୍ଲିକ, ଜ୍ୟୋତିର୍ମୟୀ ଶତପଥୀ ପ୍ରତିମା ଜେନା, ଆଜିମ ବାଲେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ କେନ୍ଦୁଝର ଜିଲ୍ଲା ସାମ୍ବାଦିକ ୟୁନିଅନର ସଭାପତି କ୍ଷେତ୍ରବାସୀ ମହାକୁଡ ଙ୍କ ର ଆଜି ସକାଳେ ଏକ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରଯାଇଥିଲା ।

# ବିଶ୍ୱ ଶ୍ରମିକ ଦିବସ ସମାବେଶ

## ଶ୍ରମକୋଡ୍‌କୁ ବିରୋଧ କରି ଶ୍ରମିକ ଶ୍ରେଣୀର ମିଳିତ ସଂଗ୍ରାମ ପାଇଁ ଆହ୍ୱାନ



ବାଲେଶ୍ୱର,(ନି.ପ୍ର.): ବିଶ୍ୱ ଶ୍ରମିକ ଦିବସ ମଇ ପହିଲା ଦିନ ଟିୟୁଏସିସି (ଟ୍ରେଡ୍ ୟୁନିୟନ୍ ଆସୋସିଏସନ୍ କୋର୍ଡ଼ିନେସନ୍ କମିଟି) ଓ ମଇଦିବସ କମିଟି-୨୦୨୬ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହ ମହାସମାରୋହରେ ପାଳିତ ହୋଇଛି । ମଇ ପହିଲା ଶ୍ରମିକ ଦିବସକୁ ସ୍ୱାଗତ ଜଣାଇ ଏପ୍ରିଲ୍ ୩୦ ତାରିଖ ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ମଇ ପହିଲା ଶ୍ରମିକ ଦିବସର ଲାଲ୍ ପତାକାକୁ ବିଚାରଗଞ୍ଜ ଛକ ପାର୍ଶ୍ୱରେ ଉ□ୋଳନ କରାଯାଇଥିଲା । ଶ୍ରମିକ ନେତାମାନେ ସହର ଓ ସହର ସଂଲଗ୍ନ ଶିଳ୍ପା□ଳରେ ବିଭିନ୍ନ ଶ୍ରମିକ ସଂଗଠନର କାର୍ଯ୍ୟାଳୟ ଏବଂ ଶିଳ୍ପ ପ୍ରତିଷ୍ଠାନମାନଙ୍କ ସମ୍ମୁଖରେ ମଇଦିବସର ଲାଲ୍ ପତାକା ଉ□ୋଳନ କରିଥିଲେ ।

ମଇ ପହିଲା ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବିଧାୟକ ତଥା ଟିୟୁଏସିସିର ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଉପାଧ୍ୟକ୍ଷ ଶାନ୍ତନୁ ଦାସ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସିରୁ ଭାଗବତ ପ୍ରତିହାରୀ, ସିଆଇଟିୟୁରୁ ଶିଶିର ହୁଇ, ଏଆଇୟୁଟିୟୁସିରୁ ଉମାକାନ୍ତ ଦାସ, ଆଇଏନ୍‌ଟିୟୁସିରୁ ଜୀବନକୃଷ୍ଣ ବାରିକ, ବ୍ୟାଙ୍କ୍ କର୍ମଚାରୀ ନେତା ସୁଦର୍ଶନ ଜେନା, ପ୍ରତିରକ୍ଷା କର୍ମଚାରୀ ନେତା ତଥା ମଇଦିବସ କମିଟିର ସଂପାଦକ ଜଗଦୀଶ ବାରିକ ସେମାନଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି ଶ୍ରମକୋଡ୍ ପ୍ରଚଳନକୁ ଓ ଆଠଘ□ା କାର୍ଯ୍ୟଦିବସର ସମୟ ୧୦ ଘ□ା ବୃଦ୍ଧିକୁ ଦୃଢ଼ ବିରୋଧ କରିଥିଲେ । କର୍ପୋରେଟ୍ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ବିଜେପି ସରକାର ଶ୍ରମିକମାନଙ୍କର ଦୀର୍ଘବର୍ଷର ଆଇନକୁ ସଂଶୋଧନ କରି ଶ୍ରମଜୀବୀ ଜନଗଣଙ୍କୁ ଗୋତିଶ୍ରମିକରେ ପିରଣତ କରିବାକୁ ଉଦ୍ୟତ୍ତ କରୁଛନ୍ତି । ସମଗ୍ର ଦେଶରେ ଏହି ଶ୍ରମକୋଡ୍‌କୁ ବିରୋଧ କରି ଶ୍ରମିକମାନେ ମିଳିତ ଆନ୍ଦୋଳନ କରୁଛନ୍ତି । ତେଣୁ ଆଗାମୀ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ମଇ ପହିଲା ଅପରାହ୍ନରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଶହଶହ ଶ୍ରମିକ କର୍ମଚାରୀ ସହର ପରିକ୍ରମା କରି ସମାବେଶ ସ୍ଥଳରେ ପହ□ିବା ପରେ ଟିୟୁଏସିସିର ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଶୋଭାଯାତ୍ରାକାରୀଙ୍କୁ ଅଭିନନ୍ଦନ ଜଣାଇ ଗତ ୧୯୭୫ ମସିହାରୁ ବାଲେଶ୍ୱରରେ ଶ୍ରମିକ ଶ୍ରେଣୀର ଗୌରମମୟ ସଂଗ୍ରାମ ଇତିହାସ ସଂପର୍କରେ ସୂଚନା ଦେଇଥିଲେ । ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଶୋଭାଯାତ୍ରା ପରିଚାଳନାରେ ଶ୍ରମିକନେତା ପ୍ରେମରଞ୍ଜନ ପାତ୍ର, ଜତିନ୍ ପାତ୍ର, ଇଷାଣୀ ଷଡ଼ଙ୍ଗୀ, ଶ୍ୟାମ ଜେନା, ବନ୍ଦନା ପାତ୍ର, ଶରତ ଚନ୍ଦ୍ର ଦଳାଇ, ହରେକୃଷ୍ଣ ଚାନ୍ଦ, ରବୀନ୍ଦ୍ର ବେରା, ପ୍ରଦୀପ ବେହେରା, ଦେବବ୍ରତ ଜେନା, ଦିବାକର ପଣ୍ଡା, ରାଜକିଶୋର ଲେଙ୍କା, ବିଜୟ ପାତ୍ର, ଅରୁଣ ମିଶ୍ର, ନିରାକାର ପାଣ୍ଡବ ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ୩୫ଟି ଚୋରି ହୋଇଥିବା ମୋବାଇଲ ଜବତ କଲା ପୋଲିସ



ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ତା ବାଲେଶ୍ୱର ଜିଲ୍ଲାର ବିଭନ୍ନ ଥାନା ଅଂଚଳ ରୁ ଲୋକଙ୍କ ଘରୁ ଓ ଜନ ଗହଳି ପୂର୍ଣ୍ଣ ଅଂଚଳ ରେ ହଜି ଯାଇଥିବା ମୋଟ ୩୫ଟି ମୋବଇଲ ପୋଲିସ ଠାବ କରି ଆଜି ଲୋକଙ୍କୁ ଫେରାଇ ଦେଇଛି ।

ବିଗତ ଏକ ବର୍ଷ ମଧରେ ରେମୁଣା, ନୀଳଗିରି, ବାଲେଶ୍ୱର ଟାଉନ ଥାନା, ଶିଳ୍ପାଂଚଳ ଥାନା, ଖନ୍ତାପଡ଼ା, ଆଦି ଥାନା ଅଂଚଳ ରୁ ମୋବାଇଲ ଗୁଡିକ ଚୋରି ଏବଂ କିଛି ମୋବାଇଲ ଗହଳିପୂର୍ଣ୍ଣ ଅଂଚଳ ରେ ହଜି ଯାଇଥିଲା । ଚୋରି ମୋବାଇଲ କୁ ହୁଏତ ଲୁଟେରା ମାନେ ସ୍ୱଳ୍ପ ମୂଲ୍ୟ ରେ ଅନ୍ୟ ଲୋକଙ୍କୁ ବିକ୍ରି କରିଥିଲେ ଅଥବା ବାଟ ରୁ କେହି ମୋବାଇଲ ପାଇ ନିଜେ ବ୍ୟବହାର କରୁଥିଲେ. ଯେଉଁ ମୋବଇଲ ଗୁଡିକ ସଂଚାର ସାଥି ରେ ପଞ୍ଜିକରଣ ହୋଇଥିଲା ଓ ଥାନା ରେ ଏତଲା ଦିଆଯଇଥିଲା, ସେହି ମୋବାଇଲ ଗୁଡିକୁ ଟ୍ରାକ କରାଯାଇ ପାରିଛି । ଆଜି ଏକ ଖବରଦାତା ସମ୍ମିଳନୀ ରେ



ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତିକି ମୋବାଇଲ ଗୁଡିକ ଚୋରି ହୋଇ ନ ଥିଲା. ଜନ ଗହଳି ପୂର୍ଣ୍ଣ ଅଂଚଳ ରେ ହଜି ଯାଇଥିଲା । ଏତଲା ମିଳିବା ପରେ ସଂଚାର ସାଥି ରେ ପଞ୍ଜିକୃତ ମୋବାଇଲ ଗୁଡିକୁ ଟ୍ରାକ କରିବା ସମ୍ଭବପର ହୋଇଛି । ପ୍ରତ୍ୟେକ ବ୍ୟକ୍ତି ନିଜ ମୋବାଇଲ ଗୁଡିକୁ ସଂଚାରସାଥି ରେ ପଞ୍ଜିକରଣ କରାଇନେବାକୁ ଶ୍ରୀ ଦାଶ ଅନୁରୋଧ କରିଛନ୍ତି. ଭବିଷତ ରେ ମୋବାଇଲ ହଜି ଗଲେ ତାହା ସହଜ ରେ ଟ୍ରାକ କରି ମୋବଇଲ ଉଦ୍ଧାର କରିହେବ । ଏହି ସଫଳତା ପାଇଁ ବାଲେଶ୍ୱର ସାଇବର ଥାନା ଅଧିକାରୀ ମୀନା ବିନ୍ଧାଣି ଓ ତାଙ୍କ ବୈଷୟିକ ଟିମ ତଥା ଥାନା ର କର୍ମଚାରୀ ମାନଙ୍କୁ ଶ୍ରେୟ ଦେଇଛନ୍ତି । ଶ୍ରୀ ଦାସ ସାମ୍ବାଦିକ ମାନଙ୍କ ବିଭିନ୍ନ ପ୍ରଶ୍ନ ର ଉତର ଦେଇ କହିଥିଲେ କି ମୋବାଇଲ ଗୁଡିକ ଚୋରି ହୋଇନ ଥିଲା. ଲୋକେ ପାଇ ନିଜ ପାଖରେ ରଖି ବ୍ୟବହାର କରୁଥିଲେ । ମୋବାଇଲ ପାଇଥିବା ବ୍ୟକ୍ତି ମାନଙ୍କ କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥିଲା. । ସେମାନେ ପେଶା ଦାର ଅପରାଧୀ ମଧ୍ୟ ନୁହନ୍ତି । ତେଣୁ ସେମାନଙ୍କୁ ଗିରଫ କରାଯିବା ଭଳି କୌଣସି ପ୍ରାମାଣିକ ତଥ୍ୟ ପ୍ରମାଣ ପୋଲିସ ନିକଟରେ ନ ଥିଲା । ତେବେ ମୋବାଇଲ ଫେରି ପାଇଥିବା ବ୍ୟକ୍ତି ମାନେ ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି । କିଛି ଜ୍ୟକ୍ତି କହିଛନ୍ତି କି ଚୋର ତାଙ୍କ ହାତରୁ ମୋବାଇଲ ଝାମ୍ପି ନେଇଥିଲେ. ଆଉ କିଛି ମୋବାଇଲ ରେମୁଣା ମହୋତ୍ସବ ବେଳେ ଭିଡ଼ ରେ ହଜି ଯାଇଥିଲା ବୋଲି କହିଛନ୍ତି । ଆଉ କିଛି କହିଛନ୍ତି କି ମୋବାଇଲ ତାଙ୍କର ତିନି ମହଲା ଘର କାମ ଚାଲିଥିବା ବେଳେ ନିର୍ମାଣ ଶ୍ରମିକ ଚୋରି କରିଥିଲେ । ଚୋର କୁ କାବୁ କରି ଥାନା ରେ ଜିମା ଦେବା ପରେ ଚୋର ମୁକୁଳି ଯାଇଥିଲା । ତେଣୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦାଶ ଖବରଦାତା ସମ୍ମିଳନୀ ରେ ମୋବାଇଲ ଗୁଡିକ ହଜି ଯାଇଥିଲା ଓ ସାଇବର ଥାନା ଟ୍ରାକ କରି ଖ୍ୱେକ ଠାବ କରି ଫେରାଇଥିବା ଓ କେହି ଗିରଫ ନ ହେବା ସମସ୍ତଙ୍କୁ ଚକିତ କରିବା ସ୍ୱାଭାବିକ । ଆଜିର ଖବର ଦାତା ସମ୍ମିଳନୀ ରେ ସାଇବର ଥାନା ର ଆଇ ଆଇ ସି ମୀନା ବିନ୍ଧାଣି ଉପସ୍ଥିତ ରହିଥିଲେ ।

## ପବିତ୍ର ଚନ୍ଦନ ଯାତ୍ରା ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ତରଫରୁ ଜଳଛତ୍ର ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ର ପ୍ରସିଦ୍ଧ ମିର୍ଜାପୋଖରୀ ଚନ୍ଦନ ମେଳା ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ଆୟୋଜିତ ଜଳଛତ୍ର ବ୍ୟବସ୍ଥା କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅବସର ପ୍ରାପ୍ତ କର୍ମଚାରୀ ସଂଗଠନ ଦ୍ୱାରା ପରିଚାଳିତ କରାଯାଇଥିଲା । ଚନ୍ଦନ ଯାତ୍ରା ରେ ପ୍ରବଳ ଜଣସମାଗମ ରେ ଜଳଛତ୍ର



ରେ ବହୁ ଭକ୍ତ ଉପକୃତ ହେଉଥିଲେ ଅବସର ଷ୍ଟେଟ ବ୍ୟାଙ୍କ କର୍ମଚାରୀ ଙ୍କୁ ଚନ୍ଦନ କମିଟି ରସମସ୍ତ କର୍ମକର୍ତା ପ୍ରସଂଶା କରିଥିଲେ ।ଏହି ସଂଗଠନ ପ୍ରତିବର୍ଷ ଗରିବ ପିଲା ଙ୍କୁ ପାଠ୍ୟସାମଗ୍ରୀ ଗରିବ ପିଲା ଙ୍କୁ ପାଠ ପଢ଼ାଇବା ଭଳି ବହୁକାର୍ୟ୍ୟ ହାତକୁ ନିଏ ବୋଲି ସଂଗଠନ ର କର୍ମକର୍ତା କହିଥିଲେ । ବୃଦ୍ଧାଶ୍ରମ, ଅନାଥ ଆଶ୍ରମ ରେମଧ ଖାଦ୍ୟ ପେୟ ର ବ୍ୟବସ୍ଥା କରାଯାଏ ବୋଲି କର୍ମକର୍ତା କହିଥିଲେ ।

## କନିଷ୍ଠ ବାଳକ ଓ ବାଳିକା ଗ୍ରୀଷ୍ମକାଳିନ ଫୁଟବଲ ତାଲିମ ଶିବିର

ବାଲେଶ୍ୱର (ନି.ପ୍ର.)ଜିଲ୍ଲା କ୍ରୀଡ଼ାସଂଘ ଓ ରାଜ୍ୟ ଫୁଟବଲ ସଂଘ ର ମିଳିତ ଆନୁକୁଲ୍ୟରେ ପରମିଟ ପଡିଆ,(ନୁଆ ଷ୍ଟାଡିୟମ) ଠାରେ କନିଷ୍ଠ ବାଳକ ଓ ବାଳିକା ମାନଙ୍କର ଏକ ଗ୍ରୀଷ୍ମକାଳିନ ଫୁଟବଲ ତାଲିମ ଶିବିର ହେବାକୁ ଯାଉଅଛି । ଖେଳାଳି ମାନଙ୍କ ବୟସ ତା-୦୧.୦୧.୨୦୧୩ ରିଖ ରୁ ୩୧.୧୨.୨୦୧୪ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଆବଶ୍ୟକ । ଆଗ୍ରହୀ ଖେଳାଳି ମାନେ ଆସ'। ତା-୦୫.୦୫.୨୦୨୬ ରିଖରୁ ତା-୦୯.୦୫.୨୦୨୬ ରିଖ ପର୍ଯ୍ୟ' ସେମାନଙ୍କ ର ନାମ ପରମିଟ ପଡିଆ,ନୁଆ ଷ୍ଟାଡିୟମ ଅଫିସ ରେ ପିକରଣ କରାଇବେ । ଖେଳାଳୀ ମାନେ ସାଗଂ ରେ ଜନ୍ମ ପ୍ରମାଣ ପତ୍ର , ଆଧାର କାଡ,ପାସ୍‌ପୋର୍ଟ ଫଂଟ ସାଗଂରେ ନେଇ ଆସିବେ । ସବିଶେଷ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ଫୁଟବଲ ଶ୍ରୀ ନିମାଇଁ ଚରଣ ରାଉତରାୟ (୯୪୩୭୨୯୬୦୦୪) ଓ ପ୍ରଦିପ କୁମାର ଦାସ (୯୩୩୭୬୦୮୨୬୪)ଙ୍କ ସହିତ ଯୋଗାଯଗ କରିବେ ।

## ଇଂ ପ୍ରଦୀପ ପଟ୍ଟନାୟକଙ୍କୁ 'ବାସ୍ତୁ ଗୁରୁ' ସମ୍ମାନରେ ସମ୍ବର୍ଦ୍ଧିତ କଲେ ବାଚସ୍ପତି ସୁରମା ପାଢ଼ୀ

ବାଲେଶ୍ୱର,(ନି.ପ୍ର.): ଓଡ଼ିଶାର ଖ୍ୟାତନାମା ସଂସ୍କୃତି ଗବେଷକ ତଥା ନାନୋ ବାସ୍ତୁବିଦ୍ ଇଂ ପ୍ରଦୀପ ପଟ୍ଟନାୟକଙ୍କୁ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ 'ବାସ୍ତୁ ଗୁରୁ' ଉପାଧିରେ ସମ୍ମାନିତ କରିଛନ୍ତି ।ନିକଟରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଇଣ୍ଡିଆନ ବାସ୍ତୁ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ୧୯ତମ ଆନ୍ତର୍ଜାତୀୟ ବାସ୍ତୁ ଓ ଜ୍ୟୋତିଷ ସମ୍ମିଳନୀରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଉକ୍ତ ଅନୁଷ୍ଠାନର ଅଧ୍ୟାପକ ଇଂ ପଟ୍ଟନାୟକ ବାସ୍ତୁଶାସ୍ତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି ।ଏହି ସମ୍ମିଳନୀରେ ଆଇନ ମନ୍ତ୍ରୀ ଶ୍ରୀ ପୃଥୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସର୍ବଭାରତୀୟ ଖ୍ୟାତିସମ୍ପନ୍ନ ଜ୍ୟୋତିର୍ବିଦ୍ ଆଚାର୍ଯ୍ୟ ଅନିଲ ବସ୍ତଙ୍କ ସମେତ ଦେଶ-ବିଦେଶର ବହୁ ବରେଣ୍ୟ ବାସ୍ତୁବିଦ୍ ଓ ଜ୍ୟୋତିଷ ଉପସ୍ଥିତ ଥିଲେ । ବାସ୍ତୁ ଓ ପ୍ରାଚ୍ୟ ଶାସ୍ତ୍ରକୁ ଲୋପ ପାଇବାରୁ ରକ୍ଷା କରି ଏହାର ପ୍ରଚାର ପ୍ରସାର ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ ।ଉଲ୍ଲେଖଯୋଗ୍ୟ, ଇଂ ପଟ୍ଟନାୟକ ସମ୍ମିଳନୀରେ 'ଇରାନ-ଇସ୍ରାଏଲ ଯୁଦ୍ଧ' ଉପରେ ପ୍ରକୃତିର ପଂଚତତ୍ୱ ଆଧାରରେ




ବାସ୍ତୁ ସମୀକ୍ଷା କରି ଉପସ୍ଥିତ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ । ବାଲେଶ୍ୱରରେ ଇଂ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ 'ଇନ-ଫ୍ରା ବାସ୍ତୁ' ସଂସ୍ଥାର ବାଲେଶ୍ୱର ଶାଖା ନିକଟରେ ନୂଆସାହି ସ୍ଥିତ ଓଲା ବାଇକ୍ ସୋ'ରୁମ୍ ?ର ସର୍ବୋଚ୍ଚ ମହଲାରେ ଖୋଲାଯାଇଛି । ଏଠାରେ ନାନୋ ବାସ୍ତୁ ପାଠଶାଳା ସହ ବାସ୍ତୁ ପରାମର୍ଶ ଓ ପ୍ରତିକାର ସେବା ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଛି ।





# ବିଶୁଦ୍ଧ ପାଣି ପାଇବା ପାଇଁ କଲବଲ ହେଉଛନ୍ତି ଗ୍ରାମବାସୀ



ବେତନଟୀ(ନିପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ଫଂଚାୟତ ର ଶଗଡ଼ଭଙ୍ଗା ଗ୍ରାମର ଗ୍ରାମବାସୀ ମାନେ ପୋକ ସାଲୁ ବାଲୁ ପାଣି ପିଉଛନ୍ତି ବୋଲି ବେତନଟୀ ବ୍ଲକ ର ବିଡ଼ିଓ ଙ୍କୁ ମଙ୍ଗଳବାର ଦିନ ଗ୍ରାମବାସୀ ମାନେ ଲିଖିତ ଅଭିଯୋଗ ଦେଇଛନ୍ତି । ଦୀର୍ଘ ଦିନ ଧରି ଶଗଡଭଙ୍ଗା ଗ୍ରାମର ଗ୍ରାମବାସୀ ଏକ ପରିତ୍ୟକ୍ତ ଯୋଗ୍ୟ କୂଅ ରୁ ପୋକ ସାଲୁ ଦୁର୍ଗନ୍ଧ ଗୋଳିଆ ପାଣି ବ୍ୟବହାର କରୁଛନ୍ତି । ଅନ୍ୟ ଦୁଇଟି ନାଳକୂପ ରୁ ମଧ୍ୟ ଦୁର୍ଗନ୍ଧ ନାଳି ଗୋଳିଆ ପାଣି ବ୍ୟବହାର କରୁଛନ୍ତି । ପାଣି ରେ ଭାତ ରନ୍ଧିଲେ ବାସୁଛି ଭାତ ଖାଇ ହେଉନି ବୋଲି ଅଭିଯୋଗ କରିଛନ୍ତି । କିନ୍ତୁ ଶଗଡଭଙ୍ଗା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ରହିଛି ପ୍ରକଳ୍ପ ରୁ ପାଣି ମଧ୍ୟ ବାହାରୁଛି, ଗ୍ରାମରେ ପାଇପ ମଧ୍ୟ ବିଛା ଯାଇଛି ହେଲେ ପାଇପ ଫାଟି ପାଣି ବାହାରି ଯାଉଛି । କୂଅ ଓ ନଳ କୂଅ ରୁ ଗ୍ରାମ ବାସି ଗୋଳିଆ ପାଣି ଗୁଣ୍ଡ ଯୁକ୍ତ ପାଣି ବ୍ୟବହାର କରିବାକୁ ବାଧ ହେଉଛିନ୍ତି । ଏହି ଗ୍ରାମ ପାଇଁ ସରକାର ଓ ପ୍ରଶାସନ ର ଦୃଷ୍ଟି ଗୋଚର ହୋଇନାହିଁ । ସରକାରଙ୍କ ସମସ୍ତ ସେବା ଫେଲ୍ ମାରି ଥିବା ର ଜଣା ପଡ଼ିଛି । ଏହି ଗ୍ରାମଟି ବେତନଟୀ ହେଡ କ୍ୱାଟର ଠାରୁ ମାତ୍ର ତିନି କଲୋମିଟର ଦୂରରେ ଅବସ୍ଥିତ । ଏହି ଗ୍ରାମ ଟି ବେତନଟୀ ଫଂଚାୟତ ର ୯ନମ୍ବର ୱାଡ ମଧରେ ରହିଥିବା ବେଳେ ସିଂ ସାହି, ମହାନ୍ତ ସାହି, ସନ୍ତାଳ ସାହି ମୋଟ ୬୦ଟି ପରିବାର ରହି ବିଶୁଦ୍ଧ ପାନୀୟ ଜଳ ରୁ ବଂଚିତ ହୋଇଛନ୍ତି । ଏ ସଂପର୍କ ରେ ଶଗଡ଼ଭଙ୍ଗା ଗ୍ରାମର ଗ୍ରାମବାସୀ ଙ୍କୁ କଳ୍ପନା ମହାନ୍ତ, ହେମଲତା ମହାନ୍ତ, ଭାନୁ ମହାନ୍ତ କୁହନ୍ତି ଭୋଟ ନେବା ଆଗରୁ ପାଇପ ପକାଇ ଦେଇ ଯାଇଛନ୍ତି ଯେ ଏ ପର୍ଯ୍ୟନ୍ତ ପାଣି ପାଇପ ଫାଟିଲା କି ରହିଲା ଦେଖିବା ପାଇଁ ଆସିନାହାଁନ୍ତି । କୂଅ ଓ ନଳ କୂଅ ପାଣି ନାଳିଆ ପଚା ବସୁଛି । ପାଣି ରେ ପୋକ ଶାଲୁ ବାଲୁ ହେଉଛି । ଏହି ପାଣି ପିଇ ଦେହ ଖରାପ ହେଉଛି କିନ୍ତୁ ଆମ୍ବୁଲାନ୍ସ ଗାଡି ଡାକିଲେ ରାସ୍ତା ଖରାପ କହି ଗାଁ କୁ ଆମ୍ବୁଲାନ୍ସ ଗାଡି ଆସୁନାହାନ୍ତି । ସେହିଭଳି ଗ୍ରାମର ର ଲସ ହେମ୍ରମ, ମୁନି ସିଂ, ଚନ୍ଦ୍ରମଣି ମହାନ୍ତ କୁହନ୍ତି ନିର୍ବାଚନ ପୂର୍ବରୁ ୧୭ଥର ନେତା ମାନେ ଘରକୁ ଆସି ମାଉସୀ, ମାଆ, ଭଉଣୀ, ଭାଇ କହି ଜୁହାର ହେବେ । ଭୋଟ ପରେ ଘରକୁ ଗଲେ ଦେଖା ଦେବେ ନାହିଁ । ଗାଁ ରେ ପାଣି ସମାଧାନ ନ ହେଲେ ଭୋଟ ବେଳେ କାହାରିକୁ ଗାଁକୁ ଆସିବାକୁ ଦେବୁନାହିଁ କିମ୍ବା ଆମ୍ଭେ କାହାରି କୁ ଭୋଟ ଦେବୁନାହିଁ । ଏ ସଂପର୍କ ରେ ସମାଜ ସେବୀ ତଥା ଯୁବ ସଂଗଠନ ଅଜିତ ସାହୁଙ୍କୁ ପଚାରିବାରୁ କହନ୍ତି ଜଳ ହିଁ ଜୀବନ, ଦୂଷିତ ଜଳ କୁ ପିଇଲେ ବିଭିନ୍ନ ମାରାତ୍ମକ ରୋଗ ବ୍ୟାଧିରେ ପଡ଼ି ମୃତ୍ୟୁ ମୁଖରେ ପଡ଼ିବାର ସମ୍ଭାବନା ରହିଛି । ବ୍ଲକ ପ୍ରଶାସନ ଯଥାଶୀଘ୍ର ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ବା ବ୍ୟବସ୍ଥା କରନ୍ତୁ । ନୂତନ ବିଡ଼ିଓ ମନୁ ସେଠୀ ଙ୍କୁ ପଚାରି ବାରୁ କହନ୍ତି ଯଥା ଶିଘ୍ର ପାନୀୟ ଜଳର ସୁବିଧା କରାଯିବ ବୋଲି କହିଛନ୍ତି ।

# ସହକାରୀ ଗୋଷ୍ଠୀଶିକ୍ଷା ଅଧିକାରିଣୀଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା

ବାଲିଆପାଳ(ନିପ୍ର): ଗୁରୁବାର ବାଲିଆପାଳ ସହକାରୀ ଗୋଷ୍ଠୀଶିକ୍ଷା ଅଧିକାରୀଣୀ ନମିତା ପ୍ରଭା ସାମଲ ଚାକିରୀ କ୍ଷେତ୍ରରେ ଅବସର ଗ୍ରହଣ କରିଛନ୍ତି । ସେ ଦୀର୍ଘ ବର୍ଷ ଧରି ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନରେ ନିଷ୍ଠାର ସହିତ ଶିକ୍ଷକତା କରିବା ପରେ ବିଆରସିସି ଭାବରେ କାର୍ଯ୍ୟ କରୁଥିଲେ । ପରେ ପଦୋନ୍ନତିରେ ଶ୍ରୀମତୀ ସାମଲ ସହକାରୀ ଗୋଷ୍ଠୀଶିକ୍ଷା ଅଧିକାରୀ ଭାବରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି । ଶ୍ରୀମତୀ ସାମଲ ଅନ୍ୟ ଶିକ୍ଷୟତ୍ରୀ ଓ ଶିକ୍ଷକ ମାନଙ୍କ ପ୍ରତି ସ୍ନେହି ଓ ମାର୍ଗଦର୍ଶିକା ଥିବା ସହିତ ଶିକ୍ଷା ବିଭାଗର ଜଣେ ଦକ୍ଷ ପ୍ରଶାସକ ଭାବେ ସଦା ସର୍ବଦା ପ୍ରେରଣାର ଉତ୍ସ ଥିଲେ । ଏହି ଅବସର ଗ୍ରହଣ ସମୟରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ ୧୭ ଜଣ ସି ଆର ସି ସି, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶ୍ରୀମତୀ ସାମଲଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ତାଙ୍କ ଅବସର ଜୀବନ ସୁଖମୟ ଓ ନିରାମୟ ହେଉ ବୋଲି ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ବିଇଓଙ୍କ କାର୍ଯ୍ୟାଳୟର ପ୍ରତାପ କୁମାର ରାଜ, ଅଞ୍ଜନ କୁମାର ରାଜ, ଦେବଦ୍ୟୁତି ନନ୍ଦଙ୍କ ସହିତ ଅନ୍ୟ ସମସ୍ତ କର୍ମଚାରୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସଆରସିସି ଯଶୋବନ୍ତ ଜେନା, ସୁଶାନ୍ତ ରାଉଳ, ତପନ ରାଉଳଙ୍କ ସହିତ ଅନ୍ୟ ସମସ୍ତ ସିଆରସିସି ଉପସ୍ଥିତ ଥିଲେ । ସେହିପରି ସ୍ଥାନୀୟ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓଷ୍ଟା ବାଲିଆପାଳ ଆନୁକୂଲ୍ୟରେ ସ୍ଥାୟୀ ସଭାପତି ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଷ୍ଟା ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, କାର୍ଯ୍ୟକାରୀ ସଭାପତି, ସମରଞ୍ଜନ ଜେନା, ବିଜ୍ଞାନ ସଂଯୋଜକ ଶୁକଦେବ ମହାନ୍ତି, ଉପଦେଷ୍ଟା ଗଣେଶ କିଙ୍କର ଆଚାର୍ଯ୍ୟ, ପ୍ରାକ୍ତନ ସମ୍ପାଦକ ବିନୋଦ କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନନ୍ତ କୁମାର ପଣ୍ଡା, ଜୟନ୍ତୀ ପ୍ରଧାନ, ଗୋଲକ ବିହାରୀ ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସମ୍ବର୍ଦ୍ଧିତ ଅତିଥି ନମିତା ପ୍ରଭା ସାମଲଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା ।

# ମହିଳା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଇରଙ୍ଗପୁର(ନିପ୍ର): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗୀୟ ମୁଖ୍ୟ ରାଜଶ୍ରୀ ଦାଶଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଅଧକ୍ଷ ରବିଶଙ୍କର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପିକା ଶୁଭଦର୍ଶିନୀ ମିଶ୍ର ପ୍ରାରମ୍ଭିକ ସୂଚନା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଥମେ ଅଧ୍ୟାପିକା ତିଳୋତମା ଷଡ଼ଙ୍ଗୀଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ସହ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭାର ଶୁଭାରମ୍ଭ ହୋଇଥିଲା । ଅଧ୍ୟାପକ/ଅଧ୍ୟାପିକା ସେବତୀ ବେହେରା, ସମାପ୍ତିରାଣୀ ଦାସ, ତିଳୋତମା ଷଡ଼ଙ୍ଗୀ, ଯଶୋଧାରା ମହାନ୍ତ, ରାଜେନ୍ଦ୍ର ମଣ୍ଡଳ, ଶୁଭଦର୍ଶିନୀ ମିଶ୍ର, ପ୍ରିୟତମା ହେମ୍ବ୍ରମ, ଅନୀତା ସାମାଡ, ଓମପ୍ରିୟା ମଣ୍ଡଳ, ଉପେନ୍ଦ୍ର ଗିରି, ରେଣୁକା ମହାନ୍ତ ଓ ବିଦ୍ୟାବତୀ ବେହେରା ପ୍ରମୁଖ ବିଦାୟୀ ବରିଷ୍ଠ ଅଧ୍ୟାପିକା ଶ୍ରୀମତି ଦାଶଙ୍କ ସହିତ ସେମାନଙ୍କ ସ୍ମରଣୀୟ ଘଟଣାବଳୀର ଅବତାରଣା କରିଥିଲେ । ଶ୍ରୀମତି ଦାଶ, ତାଙ୍କର ଦୀର୍ଘ ୩୪ ବର୍ଷର ଘଟଣା ବହୁଳ କାର୍ଯ୍ୟକାଳ ମଧ୍ୟରେ ପୂର୍ବତନ ଓ ବର୍ତମାନର ସହକର୍ମୀମାନଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଇ ନିଜ ଅଭୁଲା ସ୍ମୃତି ଅନୁଭୂତିର ରୋମନ୍ଥନ କରିଥିଲେ । ଅଧ୍ୟାପିକା ଅଭିଷିକ୍ତା ଦାଶ ବିଦାୟ ସଂଗୀତ ଗାୟନ ଏବଂ ଅଧ୍ୟାପକ ବବୁଲୁ କୁମ୍ଭକାର ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ରଂଜୁଲତା ନାଏକ, ପୁଷ୍ପଲତା ହେମ୍ବ୍ରମ ଓ ନୀରଜ ଏବଂ କର୍ମଚାରୀ ଶ୍ୟାମ, ଅମିତ, କୁନି, ସୀତା, ମାୟା, ଲକ୍ଷ୍ମୀ, ବବିତା, ଦୀପିକା, ଚନ୍ଦନା, ତରୁଣ, ଶୁଭଦିନୀ, ସୁଲୋଚନା ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶ୍ରମିକ ଦିବସ ପାଳିତ




ନୂଆପଡ଼ା(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଡୁମେରପାଣି ଉଚ୍ଚ ବିଦ୍ୟାଳୟରେ ଅର୍ନ୍ତରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ ହୋଇଯାଇଛି । ଉକ୍ତ ଶିବିରରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ଜଜ୍ ଦୁର୍ବାସା ଦୁର୍ଗା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଜିଲ୍ଲା ଶ୍ରମ ଅଧିକାରୀ ଜସ୍ମିନ୍ ସାହୁ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ସଂଯୋଜକ ପ୍ରିୟଦର୍ଶିନୀ ଯୋଶୀ, ମୁଖ୍ୟ ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ସରକାରୀ ଓକିଲ ତ୍ରିଲୋକଚନ୍ଦ ସୋନୀ, ଡୁମେରପାଣି ଗ୍ରାମପଂଚାୟତ ସରପଂଚ ଟେକରାମ ସାହୁ, ଶ୍ରମ ବାହିନୀର ସୌମ୍ୟ ରଞ୍ଜନ କୁମାର ଏବଂ ଅଧିକାର ମିତ୍ରଗଣ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଉପସ୍ଥିତ ବକ୍ତାଗଣ ନାଲସା ଦ୍ୱାରା ପ୍ରଚଳିତ ଅଣସଂଗଠିତ ଶ୍ରମିକଙ୍କ ଆଇନ ସହାୟତା ଯୋଜନା, ନୂତନ ୱେଜ୍ କୋଡ୍ ୨୦୧୯, ନ୍ୟୁନତମ ପାରିଶ୍ରମିକ ଆଇନ, କଳକାରଖାନା ବିବାଦ ଆଇନ, ବନ୍ଧିତ ଶ୍ରମିକ ନିରାକରଣ ଆଇନ, ଶ୍ରମିକ ପରିଚୟ ପତ୍ର, ଶ୍ରମିକଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ବିସ୍ତୃତ ଧାରଣା ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବିଭିନ୍ନ ସ୍ଥାନରେ ସି.ପି.ଆଇ. ତରଫରୁ ଶ୍ରମିକ ଦିବସ ପାଳିତ



ନୀଳଗିରି(ନିପ୍ର): ସି.ପି.ଆଇ. ପକ୍ଷରୁ ମେ ୧ ତାରିଖକୁ ଶ୍ରମିକ ଦିବସ ଭାବେ ପାଳନ କରି ଆସୁଛି । ଏହି ଅବସରରେ ଆଜି ପାଟପୁର ଠାରେ ସନ୍ତରାଗଡିଆ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ଦାସ, ପଂଚଲିଙ୍ଗେଶ୍ୱର ଛକ ଠାରେ ବର୍ଷୀୟାନ୍ ସି.ପି.ଆଇ. ନେତା କୈଳାଶ ଚନ୍ଦ୍ର ପଣ୍ଡା, ସନ୍ତରାଗଡିଆ ଠାରେ ବର୍ଷୀୟାନ୍ ସି.ପି.ଆଇ. ନେତା ସୀତାରାମ ଦାସ, ପ୍ରତାପଡା ଠାରେ ନିନି ବେହେରା ପତାକା ଉତୋଳନ କରିଥିଲେ । ଏହି ପତାକା ଉତୋଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟପୁର ବଜାର, ପଂଚୁଲିଙ୍ଗେଶ୍ୱର ଠାରେ ସି.ପି.ଆଇ. ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ଯୋଗଦାନ କରି ଆଜିର ସରକାର ଶ୍ରମ ଆଇନ ସଂଶୋଧନ କରିବା ଫଳରେ ଯୁବକମାନେ କର୍ମ ସଂସ୍ଥା ହରେଇଲ ବେଳେ ବେକାରି ବଢୁଛି । ଅଭାବ ଗ୍ରସ୍ତ ଯୁବକମାନେ ପଥଭ୍ରଷ୍ଟ ହେଉଛନ୍ତି । ଏହି କାର୍ଯ୍ୟକ୍ରମରେ ଜୋନ ସମ୍ପାଦକ ବିଜୟ ସ, ଜୋନ କମିଟି ସଭ୍ୟ ନିରଞ୍ଜନ ଜେନା, ହରେକୃଷ୍ଣ ପଣ୍ଡିତ, ପୁରସ୍ତମ ସେଠୀ, ବିକ୍ରମ ମିଶ୍ର, ରବୀନ୍ଦ୍ର ନାୟକ, ମଞ୍ଜୁଲତା ବେହେରା, କମଳା ବେହେରା, ପଂଚାନନ ଦାସ, ରଘୁନାଥ ପାତ୍ର, ମଧୁସୂଦନ ନାୟକ, ବିଦ୍ୟାଧର ବେହେରା, ବାସନ୍ତି ନାୟକ, ରାଜେନ୍ଦ୍ର ବାରିକ ଙ୍କ ସହିତ ସହସ୍ରାଧିକ କର୍ମୀ, ସମର୍ଥକ, ସହଯୋଗୀମାନେ ଭାଗ ନେଇଥିଲେ

# ଦୁଗ୍ଧ ଚାଷୀଙ୍କୁ ଉପଯୁକ୍ତ ଦୁଗ୍ଧ ଦାମ୍ ବୃଦ୍ଧି ନେଇ ବିକ୍ଷୋଭ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଲ ଓମଫେଡ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଠାରେ ଦୁଗ୍ଧ ଚାଷୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦୁଗ୍ଧ ଦରଦାମ୍ ବୃଦ୍ଧି ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସରକାର ପକ୍ଷ ରୁ ଉପଯୁକ୍ତ ମୂଲ୍ୟ ପ୍ରଦାନ ପାଇଁ ଦାବି କରିଛନ୍ତି । ଆଜି ସରକାର ପକ୍ଷ ରୁ ଦୁଗ୍ଧ ଦରଦାମ୍ ଏକ ଟଙ୍କା ବୃଦ୍ଧି ହୋଇଅଛି । ଦୁଗ୍ଧ ଚାଷୀଙ୍କୁ ଉପଯୁକ୍ତ ଦୁଗ୍ଧ ଦାମ୍ ବୃଦ୍ଧି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସରକାର ପକ୍ଷ ରୁ ବୃଦ୍ଧି ହୋଇଥିବା ଏକ ଟଙ୍କା ଦରଦାମ୍ ବୃଦ୍ଧି ପାଇଁ ଆହ୍ୱାନ କରିଥିଲେ । ଏକ ଟଙ୍କା ଦରଦାମ୍ ବୃଦ୍ଧି ସତରେ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ୍ୟ ବୋଲି ଅସନ୍ତୋଷ ବ୍ୟକ୍ତ କରିଥିଲେ । ବର୍ତମାନ ୩୨ ଟଙ୍କା ପ୍ରଦାନ କରିଥିବା ବେଳେ ପଡୋଶୀ ଛତିଶଗଡ ରାଜ୍ୟ ରେ ୪୫ ଟଙ୍କା ଦେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ଓମଫେଡ ଅଧିକାରୀମାନେ ଖଡ଼ିଆଲ ଓମାଫେଡ ଶୀତଳ କେନ୍ଦ୍ର ରେ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ । ବର୍ତମାନ ସିନାପାଲି ଓମାଫେଡ ଶୀତଳ କେନ୍ଦ୍ର ରେ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି ।

# ସଫେଇ କର୍ମୀମାନଙ୍କୁ ସମ୍ବର୍ଦ୍ଧନା

କଟକ(ନିପ୍ର): ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ହୋପ ଏଜ ଟ୍ରଷ୍ଟ ପକ୍ଷ ରୁ ଶୁକ୍ରବାର ପୂର୍ବାହ୍ନରେ ସିଡିଏ ସେକ୍ଟର -୭ ସ୍ଥିତ ଆଶ୍ରୟ ଦି ସେଲଟର ସମ୍ମୁଖ ପଡିଆରେ ମହାନଗର ନିଗମ ର କେତେକ ନିଷ୍ଠା ପର ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, ପ୍ରଦୀପ ରାଉତ, ପ୍ରେମାଂଶୁ ମହାନ୍ତିଙ୍କ ଉପସ୍ଥିତିରେ ଟ୍ରଷ୍ଟି ଡ଼ଃ ସତ୍ୟ ରାୟ, ଉପ ସଭାପତି ବିଜୟ ପୁଷ୍ଟି, ପ୍ରମିଳା ଦାସବର୍ମା, ସଂପାଦକ ରଂଜିତ ସାହୁ, ଯୁଗ୍ମ ସଂପାଦିକା ସୁଜାତା ପଟ୍ଟନାୟକ, ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ପୁଷ୍ପଲତା ପତି, ବଂଶୀଧର ରାଉତ, ଗୋବିନ୍ଦ ଜେନା, ପ୍ରମୋଦ ପଟ୍ଟନାୟକ, ବୃନ୍ଦାବନ ସାହୁ ଓ ପି କେ ସାହୁ, ଯତିନ୍ଦ୍ର କୁମାର ଦାସ ପ୍ରମୁଖ ସଫେଇ କର୍ମୀ ମାନଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇ ଥିଲେ । କୁମାର ନାୟକ, ଗୌରା ନାୟକ, ପ୍ରଶାନ୍ତ ନାୟକ, ନଳିନୀ ରଞ୍ଜନ ବିଶ୍ୱାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥଲା ।

# ଅଳ୍ପକେ ବର୍ତିଲେ ଅତିରିକ୍ତ ତହସିଲଦାର

ସୋର(ନିପ୍ର): ସୋର ଅତିତିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ବେଆଇନ ବାଲିଗାଡିକୁ ଅଟକାଉଥିବାବେଳେ ତହସିଲ ଗାଡିକୁ ବାଲିଗଡ଼ି ଧକାଦେଇଥିବା ବେଳେ ଅତିରିକ୍ତ ତାହାସିଲଦାର ଅଳ୍ପକେ ବର୍ତିଯାଇଛନ୍ତି । ସୂଚନା ଅନୁସାରେ ଆଜି ସକାଳେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ଜାତୀୟ ରାଜପଥରେ ଚଢ଼ାଉ କରିଥିଲେ । ଏହି ସମୟରେ ପାଇକାଳି ପୋଲ ନିକଟରେ ଥିବା ଏକ ଷ୍ଟକ ପଏଂଟରୁ ଦୁଇଟି ବାଲିଗାଡି ଜବତ କରିବା ସମୟରେ ଓଡ଼ି ୦୧ ଟି ୭୧୯୩ ନମ୍ବର ବିଶିଷ୍ଟ ଏକ ବାଲିଗାଡିକୁ ଅଟକାଇଥିଲେ । ମାତ୍ର ବାଲି ଗାଡିଟି ଦ୍ରୁତଗତିରେ ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଅତିରିକ୍ତ ତହସିଲଦାର ନିଜେ ଗାଡି ଚଳାଇ ବାଲିଗାଡିକୁ ପିଛା କରିଥିଲେ । ଏହି ସମୟରେ ପଣପଣା ନିକଟରେ ଶ୍ରୀ ସିଂହ ବାଲି ଗାଡିକୁ ଅଟକାଉଥିବା ବେଳେ ତହସିଲ ଗାଡିକୁ ବାଲି ଗାଡି ପଛରୁ ଧକା ଦେଇଥିଲା । ଫଳରେ ଗାଡିର କାଚ ଭାଙ୍ଗିଯିବା ସହିତ ଅତିରିକ୍ତ ତହସିଲଦାର ଶ୍ରୀ ସିଂହ ଅଳ୍ପକେ ବର୍ତି ଯାଇଥିଲେ । ଖବର ପାଇ ଖନ୍ତାପଡ଼ା ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ଗାଡିକୁ ଜବତ କରିବା ସହିତ ଏହାର ଚାଳକକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

# ଆନ୍ତର୍ଜାତିକ ଶ୍ରମିକ ଦିବସ-୨୦୨୬ ପାଳିତ



ନୟାଗଡ଼(ନିପ୍ର): ଜିଲ୍ଲା ପରିଷଦ ର ସୃଜନ ସମ୍ମିଳନୀ କକ୍ଷରେ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ନୟାଗଡ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ "ମଇ ଦିବସ / ଆନ୍ତର୍ଜାତିକ ଶ୍ରମିକ ଦିବସ-୨୦୨୬" ମହା ଆଡମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜିଲ୍ଲାସ୍ତରୀୟ ସମାରୋହରେ ମାନ୍ୟବର ସାଂସଦ ପୁରୀ ଡ. ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ ମାନ୍ୟବର ବିଧାୟକ ଖଣ୍ଡପଡା, ଦେବାଶିଷ ପଟ୍ଟନାୟକ, ଅଧକ୍ଷ, ଜିଲ୍ଲା ପରିଷଦ, ନୟାଗଡ, ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ, ନୟାଗଡ଼, ମାନ୍ୟବର ବାଚସ୍ପତିଙ୍କ ପ୍ରତିନିଧି ଅଭିଷେକ ସାମନ୍ତରାୟ, ନିରୁପମା ଖଟେଇ, ଅଧକ୍ଷା ନୟାଗଡ଼ ମୁନିସିପାଲିଟି, ଅଞ୍ଜଳି ମଛଖଣ୍ଡ, ସଚିବ, ଜିଲ୍ଲା ନ୍ୟାୟ ସେବା ପ୍ରାଧିକରଣ ଏବଂ ବରିଷ୍ଠ ଓକିଲ ଦଣ୍ଡପାଣି ମହାନ୍ତି ଯୋଗଦାନ କରିଥିଲେ । ଏଥିସହିତ ନୟାଗଡ ଜିଲ୍ଲାର ବିଭିନ୍ନ ଟ୍ରେଡ୍ ୟୁନିଅନର କର୍ମକର୍ତା, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ତଥା ୪୦୦ରୁ ଅଧିକ ଶ୍ରମିକ ଉପସ୍ଥିତ ଥିଲେ । ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଏହି ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହରେ ମୋଟ ୪୩୭ ଜଣ ନିର୍ମାଣ ଶ୍ରମିକଙ୍କୁ ମୋଟ ଟ.୧,୯୮,୭୦,୮୦୦.୦୦ଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ସେଥିମଧ୍ୟରୁ- ୨୧୩ହିତାଧିକାରୀଙ୍କୁ ଶିକ୍ଷା ସହାୟତା ବାବଦରେ ୧୮,୪୫,୮୦୦.୦୦ ଟଙ୍କା, ୧୫୨ ହିତାଧିକାରୀଙ୍କୁ ବିବାହ ସହାୟତା ବାବଦରେ ଟ.୭୫,୫୦,୦୦୦ଙ୍କା, ୩୭ ନିର୍ମାଣ ଶ୍ରମିକ କାର୍ଡଧାରୀଙ୍କ ପରିବାରବର୍ଗଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ଟ.୧,୦୩,୦୦,୦୦୦.୦୦ଙ୍କା, ୩୫ ପରିବାରବର୍ଗଙ୍କୁ ଅନ୍ତେଷ୍ଟି କ୍ରିୟା ସହାୟତା ବାବଦରେ ଟ.୧,୭୫,୦୦୦.୦୦ଙ୍କା ପ୍ରଦାନ କରାଯାଇଛି । ଏହା ସହିତ ୧୦୦ ନିର୍ମାଣ ଶ୍ରମିକଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୩୦ଅଣସଂଗଠିତ ଶ୍ରମିକଙ୍କୁ ମଧ୍ୟ ନୂତନ କାର୍ଡ ପ୍ରଦାନ କରାଯାଇଛି । ଜିଲ୍ଲା ଶ୍ରମ ଅଧିକାରୀ, କଲ୍ୟାଣ (ଭାର ପ୍ରାପ୍ତ) ତେଜ କୁମାର ବାଗେଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଶ୍ରମ ଅଧିକାରୀ ମାନେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।





ଖରାପ ଲୋକଙ୍କର ହିଂସା ଆଚରଣ ଓ ଭଲ ଲୋକଙ୍କର ନୀରବତା ମନୁଷ୍ୟ ସମାଜ ପାଇଁ ସମାନ ଭାବରେ କ୍ଷତିକାରକ ।

# ଆଜିକାଲି



*ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ
ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ୍ୟ ସଂଗେ ସଂଗେ ବାଜିଲା ।*

## ଖବର କାଗଜ ଓ ନୈତିକ ମୂଲ୍ୟବୋଧ

ରାତି ପାହିଲେ ଆମେ ସମସ୍ତେ ଖବର କାଗଜକୁ ଚାହିଁ ବସିଥାଉ । ଖବର କାଗଜ କିଛିଟା ଟଙ୍କାର କାଗଜ ନୁହେଁ ଏହା ହେଉଛି ଆମ ମାନଙ୍କର ସ୍ୱର । ଜନଗଣ, ଜନମତର ଉତରଦାୟୀ ଅନୁଷ୍ଠାନ ହେଉଛି ଖବର କାଗଜ । କିନ୍ତୁ ଆଜି ଖବର କାଗଜ ପାଇଁ ଅନେକ ଆହ୍ୱାନ, ଅନେକ ପ୍ରଶ୍ନ, ଅନେକ ଦାୟିତ୍ୱବୋଧ । ସ୍ୱାଧୀନତା ପୂର୍ବରୁ ସାମ୍ବାଦିକତା ଓ ଜାତୀୟତା ସମାର୍ଥବୋଧକ ଥିଲା । ସାମ୍ବାଦିକତାର ଭିତି ହେଉଛି ସେବା । ଦେଶ ଓ ସମଗ୍ର ସମାଜକୁ ଭଲ ପାଉଥିବା ଏକ ଶିକ୍ଷିତ ଗୋଷ୍ଠୀ ତିଆରି କରିବା ହେଉଛି ସାମ୍ବାଦିକତା ଲକ୍ଷ୍ୟ । ସ୍ୱାଧୀନତା ପରେ ଭାରତରେ ସାମ୍ବାଦିକତାର ରୂପ ପରିବର୍ତନ ହେଲା । ସାମ୍ବାଦିକତା ଭିତରେ ସୂଚନା ପ୍ରଯୁକ୍ତିର କଳା କୁଶଳ ଏହି କ୍ଷେତ୍ରକୁ ଆହୁରି ପ୍ରଶସ୍ତ କରିଦେଲା । ଏହା ନିଶ୍ଚିନ୍ତ କଥା ସାମ୍ବାଦିକତାର ବୃତି ପରି ଅନ୍ୟ କୌଣସି ବୃତି ସମ୍ଭବତଃ ସମକକ୍ଷ ହୋଇପାରିନଥାଏ । ପେଷାଦାରୀ ଦକ୍ଷତା ଛଡ଼ା ଏହାର କେତେକ ନୈତିକ ଆବଶ୍ୟକତା ରହିଛି । ସତ୍ୟ, ନ୍ୟାୟ, ନିର୍ଭିକତା, ଦେଶପ୍ରେମ, ସମାଜର ବୃହତର କଲ୍ୟାଣ, ଜାତୀୟ ସ୍ୱାର୍ଥ ଓ ଜନଜୀବନର ଘଟଣାବହୁଳ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ଏକାନ୍ତିକ ଇଛା । ସମୟ ସହିତ ସାମ୍ବାଦିକତାର ରୂପ ରେଖାରେ କିଛିଟା ପରିବର୍ତନ ହୋଇଛି । ପୂର୍ବେ ଥିଲା ଏହା ସେବାଭିତିକ ଯାହାକି ସମ୍ପ୍ରତି ଆଧୁନିକ ଜ୍ଞାନକୌଶଳ ଭିତିକ । ତେବେ ଏ ଜ୍ଞାନକୁ କିଭଳି ବିନିଯୋଗ କଲେ ତାହା ବୃହତର ସମାଜରେ ମଙ୍ଗଳରେ ଲାଗିବ ତାହା ଦେଖିବା ଏବଂ ଦେଖାଇବା ସାମ୍ବାଦିକତା ଲକ୍ଷ୍ୟ । ସମ୍ବାଦ ପରିବେଷଣ ସମୟରେ ସମାଜକୁ କ୍ଷତିକଲା ପରି କଥା ଭାରସାମ୍ୟ ରକ୍ଷା କ୍ଷେତ୍ରରେ ସତର୍କତା ନିଶ୍ଚିନ୍ତ ଭାବେ ଜରୁରୀ । ଜନମତକୁ ଏହି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୁଝାଯାଉଥିବାରୁ ଏହା ସମାଜରେ ନିଜର ଏକ ଭିନ୍ନ ସ୍ୱତନ୍ତ୍ରତା ରଖିଛି । ସତ୍ୟ ପ୍ରକାଶ କରିବା ହେଉଛି ସମ୍ବାଦପତ୍ରର ଧର୍ମ । ସତ୍ୟ ଓ ନ୍ୟାୟ ସମାଜର ଆଧାରଶୀଳା ଏହାର ଅଭାବରେ ସମାଜର ପତନ ହେବା ସହ ବିକାରଗ୍ରସ୍ତ ହୋଇଥାଏ । ତେଣୁ ସମାଜରେ ସତ୍ୟ ଓ ନ୍ୟାୟ କିପରି ପ୍ରତିଷ୍ଠା ହୋଇପାରିବ ତାହା ଦେଖିବା ହେଉଛି ସମ୍ବାଦପତ୍ରର ପ୍ରଥମ କର୍ତବ୍ୟ । ଓଡ଼ିଶାର ଖବର କାଗଜ କହିଲେ ସମାଜକୁ ବୁଝାଯାଇଥାଏ । ୧୯୧୯ ମସିହାରେ ଉତ୍କଳମଣିଙ୍କ ପୁଣ୍ୟ ପରଷରେ ଅଙ୍କୁରିତ ସମାଜ ଆଜି ସାମ୍ବାଦିକତା କ୍ଷେତ୍ରରେ ଏକ ମାଇଲ ଖୁଂଟ ପାଲଟି ଥିବା ବେଳେ ସମ୍ବାଦ, ଧରିତ୍ରୀ, ଆଜିକାଲି ଏପରିକି ବହୁତ କିଛି ସମ୍ବାଦପତ୍ର ସମ୍ବାଦ ପରିବେଷଣ ମାଧମରେ ଜିଜ୍ଞାସା ବାଂଟିବାରେ ଲାଗିଛି । ଏହା ନିଶ୍ଚିନ୍ତ ସତ୍ୟ ଯେ ଆଜିର ସମୟରେ ଗଣମାଧମ ବିଭିନ୍ନ ପ୍ରକାର ପ୍ରତିକୂଳତାକୁ ସାମ୍ନା କରୁଛି । ତେବେ ଜନତାଙ୍କ ସ୍ୱାର୍ଥଭିତିକ ଓ ଜନସ୍ୱାର୍ଥ ଧର୍ମୀକ୍ଷେତ୍ରକୁ ଗଣମାଧମ ହିଁ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛି । କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତର ବିକାଶ କ୍ଷେତ୍ରରେ ଗଣମାଧମର ଅବଦାନ କମ୍ ନୁହେଁ । ଆମ ରାଜ୍ୟର ସମସ୍ତ ପ୍ରମୁଖ ସମ୍ମାନନୀୟ ସମ୍ପାଦକ ମହୋଦୟଙ୍କୁ ନେଇ ଐକ୍ୟନିଷ୍ଠ ଖବର କାଗଜ କ୍ଷେତ୍ରରେ ଯେଉଁ ପ୍ରେସ୍ ଏକାଡ଼େମୀ କରିଛନ୍ତି ତାହା ନିଶ୍ଚିନ୍ତ ଭାବରେ କୁହାଯିବ ଯେ ରାଜ୍ୟରେ ପ୍ରେସ୍ ଏକତା ସମର୍ଥ ହେଉଛି ଜନମତକୁ ଜାଗ୍ରତ କରିବା ପାଇଁ । ସମାଜରେ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ଦୁଃଖଦ ଚିତ୍ର ହେଉ ବା ବୀର ଓଡ଼ିଆଙ୍କର କୌଣସି ପିଲା ଜାତୀୟ ବା ଆନ୍ତର୍ଜାତିକ ସ୍ତରରେ ନାଁ କମାଇଲେ ତଥ୍ୟଭିତିକ ଭାବରେ ଏହା ସମସ୍ତ ଖବର କାଗଜର ପୃଷ୍ଠା ମଣ୍ଡନ କରିଥାଏ । ଆଜି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଆମ ଭିତରେ ଏହି ଆତ୍ମ ସମୀକ୍ଷା ହେଉ ଯେ ସମ୍ବାଦପତ୍ରର ସ୍ୱାଧୀନତା କିପରି ବଂଚାଯାଇ ପାରିବ ? ଖବରକାଗଜର ସମ୍ମାନ, ଗୌରବ ଅତୁଟ ରହୁ ସେମାନେ ସମାଜର ଯେଉଁ ଜନକଲ୍ୟାଣ ପାଇଁ ମୂଲ୍ୟବୋଧର ଉଚ୍ଚ ଗୌରବର ଧାରା ପ୍ରତିଷ୍ଠା କରିଛନ୍ତି ତାକୁ ଭୂଲୁଣ୍ଠିତ ନ କରନ୍ତୁ । ବିଭିନ୍ନ ସମୟରେ ସାଂପ୍ରତିକ ଘଟଣାବହୁଳ କ୍ଷେତ୍ରରେ ବହୁ ବିଶିଷ୍ଟ ଲେଖକମାନେ ବିଭିନ୍ନ ସ୍ତମ୍ଭ ମାଧମରେ ଲେଖନୀ ଦ୍ୱାରା ସଚେତନ କରିଥାନ୍ତି । ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଆମ ସମସ୍ତଙ୍କର ସଚେତନଧର୍ମୀ ସହଯୋଗ ଜାରି ରହୁ ।

## ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ



◆ ଅରବିନ୍ଦ ତ୍ରିପାଠୀ

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହେଉଛି ଗଣମାଧ୍ୟମ । ଆମ ସମ୍ବିଧାନରେ ଚତୁର୍ଥ ସ୍ତମ୍ଭକୁ ସାମ୍ବାଦିକତାର ଅଧିକାର ଦିବସ ଭାବେ ପାଳନ କରାଯାଇଥାଏ । ରାଷ୍ଟ୍ର ଶାସନ କ୍ଷେତ୍ରରେ ସାମ୍ବାଦିକଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପ୍ରତିବର୍ଷ ମଇ ୩ ତାରିଖକୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ବା ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ଦିବସ ଭାବେ ପାଳନ କରାଯାଇଥାଏ । ଗଣମାଧମ (ସମ୍ବାଦପତ୍ର ସଂସ୍ଥା) ଓ ସାମ୍ବାଦିକମାନଙ୍କ ପାଇଁ ଏହି ଦିବସର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ ହେଉଛି ପ୍ରେସ୍‌ର ସୁରକ୍ଷା ଓ ସ୍ୱାଧୀନତା ନିମନ୍ତେ ସର୍ବତ୍ର ଏହି ଦିନରେ ଜନ ସଚେତନତା ସୃଷ୍ଟି କରାଯାଇ ଥାଏ । ସମ୍ବାଦପତ୍ରର କାର୍ଯ୍ୟ ଆଜିର ସମାଜରେ ବହୁମୁଖୀ । ବର୍ତମାନ ସମୟରେ ସମ୍ବାଦପତ୍ର ଦେଶ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଗଣମାଧମର ସ୍ୱାଧୀନତା କହିଲେ ସାମ୍ବାଦିକତା କାର୍ଯ୍ୟ କରୁଥିବା ବ୍ୟକ୍ତିର ସ୍ୱାଧୀନତାକୁ ବୁଝାଇ ଥାଏ । ଚଳିତବର୍ଷ ହେଉଛି ୨୭ତମ ବିଶ୍ୱ ଗଣମାଧମ ସ୍ୱାଧୀନତା ଦିବସ । ଆଫ୍ରିକୀୟ ରାଷ୍ଟ୍ର ଘାନା ଓ ୟୁନିସ୍କୋର ମିଳିତ ଆୟୋଜନରେ ଉକ୍ତ ଦିବସ ମେ ୨ରୁ ମେ ୫ ପର୍ଯ୍ୟନ୍ତ ପାଳିତ ହେବା ପାଇଁ ଘୋଷଣା କରାଯାଇଛି । ଉକ୍ତ ଦିବସର ସ୍ଲୋଗାନ ହେଉଛି **"Keeping Power in Check Media, justice and the rule of law"** । ଏହି ଦିବସର ମହତ୍ୱ ହେଉଛି ଗଣମାଧ୍ୟମର ସୁରକ୍ଷା ଓ ସ୍ୱାଧୀନତା ନିମନ୍ତେ ସଚେତନତା ସୃଷ୍ଟି କରାଇବା । ଗଣମାଧମରେ ଯେଉଁମାନେ କର୍ତବ୍ୟ ସମ୍ପାଦନ କରୁଛନ୍ତି ସେମାନେ ବହୁ ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ସମସ୍ୟାର କିପରି ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ ହୋଇପାରିବ ଓ ସଠିକ୍ ନିର୍ଯ୍ୟାସ ଯେପରି ବାହାରି ପାରିବ ସରକାର ଏବଂ ଗଣମାଧମର ପ୍ରମୁଖ ସଂସ୍ଥାନ ଗୁଡିକ ନଜର ଦେବା ବର୍ତମାନ ସମୟରେ ବହୁ ଆବଶ୍ୟକ ହୋଇ ପଡିଛି । ବର୍ତମାନ ଦେଖାଦେଇଛି ଯେ ସାମ୍ବାଦିକଟିଏ ତାର କର୍ତବ୍ୟ ସମ୍ପାଦନ କରିବା ସମୟରେ ଏବଂ କ୍ଷେତ୍ରରେ ସମ୍ବାଦ ପରିବେଷଣ ଓ ପ୍ରେରଣ କରିବା ସମୟରେ ସେମାନଙ୍କୁ ଧମକ ମିଳୁଛି । ଏପରିକି ବହୁ ସମୟରେ□କର୍ତବ୍ୟରତ ସାମ୍ବାଦିକ ମାନଙ୍କୁ ବହୁମୂଲ୍ୟ ଜୀବନ ଦେବାକୁ ପଡୁଛି । ସାମ୍ବାଦିକଙ୍କ ସୁରକ୍ଷା, ବୀମା, ନିରାପତା ଇତ୍ୟାଦିର ସମାଧାନ ଦିଗରେ ସରକାର ଗୁରୁତ୍ୱର ସହ ବିଚାର କରି ଧ୍ୟାନ ଦେବା ଆବଶ୍ୟକ । କୌଣସି




### ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

ପରିପ୍ରେକ୍ଷିରେ ସାମ୍ବାଦିକର ସ୍ୱାଧୀନତାକୁ ହରଣ କରିବା ଉଚିତ୍ ନୁହେଁ । ସମ୍ବାଦପତ୍ର ଦେଶ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବହୁତ ସମୟରେ ସାମ୍ବାଦିକଟିଏ ସଠିକ୍ ତଥ୍ୟ ଉପସ୍ଥାପନ କରି ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥାଏ । ଯଥା ମାଡ଼ଖାଇବା, ଧମକ ମିଳିବା, ଜୀବନରୁ ମାରିଦେବା ଇତ୍ୟାଦି ସେ ସହିଥାଏ । ବାଙ୍ଗାଲୋରର ମହିଳା ସାମ୍ବାଦିକା ଗୌରୀ ଲଙ୍କେଶଙ୍କୁ ଦୁର୍ବୃର୍ତ□ମାନେ ଗୁଳି କରି ହତ୍ୟା କରିଥିଲେ । ଏହାଠୁ ବଳି ହୀନ ଓ ଜଘନ୍ୟ କାର୍ଯ୍ୟ ଆଉ କଣ ହୋଇପାରେ ? ଅନ୍ୟ କର୍ମକ୍ଷେତ୍ର ଠାରୁ ସାମ୍ବାଦିକର କର୍ମକ୍ଷେତ୍ର କଷ୍ଟକର ହେଲେ ବି ସେ ତାକୁ ପାରୁପର୍ଯ୍ୟନ୍ତ ସଠିକ୍ ଭାବରେ ତୁଲାଇ ଚାଲିଥାଏ । ଖବରକାଗଜ ଓ ଏଥିସହ ସଂସ୍ଥାର ସ୍ୱାଧିନତା ଓ ସୁରକ୍ଷା ପ୍ରତି ଅଙ୍କୁଶ ଓ ପ୍ରତିବନ୍ଧକକୁ ପ୍ରତିହତ କରିବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ସାମ୍ବାଦିକଙ୍କ ସୁରକ୍ଷା, ଅଧୀକାର, ସ୍ୱତନ୍ତ୍ରତା ଇତ୍ୟାଦି ବ୍ୟବସ୍ଥା ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ । ୧୯୯୧ ମସିହାରେ ୟୁନିସ୍କୋର ଜେନେରାଲ ଆସେମ୍ବ୍ଲିର ୨୬ ତମ ଅଧିବେଶନରେ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳିତ ହେବ ବୋଲି ଏକ ପ୍ରସ୍ତାବ ପାରିତ କରାଯାଇଥିଲା । ସର୍ବପ୍ରଥମେ ୧୯୯୩ ମସିହା ମଇ ମାସ ୩ ତାରିଖରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ବର୍ତମାନ ପରିପ୍ରେକ୍ଷୀରେ ଗଣମାଧ୍ୟମର ଗୁରୁ ଦାୟିତ୍ୱ ବୃଦ୍ଧି ପାଇବାରେ ଲାଗିଛି । ଉଭୟ ମୁଦ୍ରିତ ଏବଂ ଦୃଶ୍ୟଶ୍ରାବ୍ୟ ଗଣମାଧ୍ୟମ ଖବର ଏବଂ ଖବରର ବିଶ୍ଳେଷଣ ଜନସାଧାରଣ ମାନଙ୍କ ପାଖରେ ଉପସ୍ଥାପିତ କଲା ସମୟରେ ବହୁ ବାଧାବିଘ୍ନ ଏବଂ ଚାପର ସମ୍ମୁଖୀନ ହେବାକୁ ପଡୁଛି । ତଥାପି ବହୁ ଗଣମାଧ୍ୟମ ସେମାନଙ୍କର ଗୁରୁଦାୟିତ୍ୱ ସଠିକ୍ ଭାବରେ ବୁଝି କର୍ମ ସଂପାଦନ କରିଚାଲିଛନ୍ତି । କେତେକ କ୍ଷେତ୍ରରେ ପରିଲକ୍ଷିତ କରାଯାଉଛି ଯେ ସରକାରୀ ଦଳ ଅବା ଏକ ନିର୍ଦ୍ଧିଷ୍ଟ ରାଜନୈତିକ ଦଳର ଖବର ପ୍ରସାରଣ ଏବଂ ବିଶ୍ଳେଷଣ କରିବା ସମୟରେ ଏହା ଅତିରଞ୍ଜିତ କେତେକ ସ୍ଥାନରେ ହୋଇଯାଉଛି । ତାର କି ପ୍ରକାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡିବ ତାହା ସେମାନେ ଦେଖୁନାହାନ୍ତି । ସମୟ ସମୟରେ ଅତି ରଞ୍ଜିତ ଖବର, ଖବରର ଗୁରୁତ୍ୱ ନଥାଇ ପ୍ରସାରଣ ଇତ୍ୟାଦି ପରିଲକ୍ଷିତ ହୋଇଛି । ଏହା ଆଦୌ ଶୁଭଙ୍କର ନୁହେଁ । ବର୍ତମାନ ବହୁ ମୁଦ୍ରିତ ଏବଂ ଦୃଶ୍ୟଶ୍ରାବ୍ୟ ଗଣମାଧ୍ୟମର ଆବିର୍ଭାବ ହୋଇଛି । ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର । ଦୈନିକ ଖବର କାଗଜଠୁଁ ଆରମ୍ଭ କରି ମାସିକ ଖବର କାଗଜ ମାନଙ୍କର ଆବିର୍ଭାବ ଦେଖାଯାଇଛି । ସବୁଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱାଧୀନ ଭାବରେ କାମ କରିବାର ପରିସର ହେଉଛି ସାମ୍ବାଦିକତା । ଏହି ପରିପ୍ରେକ୍ଷିରେ ଖବରକାଗଜ ଓ ଏଥିସହ ସଂସ୍ଥାର ସ୍ୱାଧୀନତା, ସୁରକ୍ଷା ପ୍ରତି ଅଙ୍କୁଶ ଓ ପ୍ରତିବନ୍ଧକକୁ ପ୍ରତିହତ କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । କୌଣସି ପରିସ୍ଥିତିରେ ମଧ୍ୟ ସାମ୍ବାଦିକତାର ସ୍ୱାଧୀନତା ଓ ମୁକ୍ତ ଭାବରେ ଅଭିବ୍ୟକ୍ତି ପ୍ରକାଶ କରିବାକୁ ବନ୍ଦ କରିବା ଉଚିତ୍ ନୁହେଁ । ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ସେତୁ ପରି କାଯ୍ୟକରେ ଗଣମାଧ୍ୟମ । ସାମାଜିକ ସଚେତନତା ମଧ୍ୟ ଗଣମାଧ୍ୟମର ପ୍ରମୁଖ କର୍ତବ୍ୟ ହୋଇପଡିଛି । ସରକାର ଅବା କୌଣସି ନିର୍ଦ୍ଧିଷ୍ଟ ରାଜନୈତିକ ଦଳର ହାତ ବାରିଶି ନହୋଇ ଗଣମାଧ୍ୟମ ସେମାନଙ୍କର ଗୁରୁଦାୟିତ୍ୱ ବହନ କରିବା ଆବଶ୍ୟକ । ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ, ସେମାନଙ୍କର ସୁରକ୍ଷା ବୀମା ଇତ୍ୟାଦିର ଗ୍ୟାରେଂଟି ସରକାର ମଧ୍ୟ ହାତକୁ ନେବା ଆବଶ୍ୟକ । ଅଧୁନା ଯୁଗରେ ଗଣମାଧ୍ୟମ ପ୍ରତି ବହୁ ପ୍ରତିଯୋଗିତା ସୃଷ୍ଟି ହୋଇଛି । ଯୁଦ୍ଧର ଖବର, ସେନା ସମ୍ବନ୍ଧୀୟ ଖବର, ରାଷ୍ଟ୍ରର ସୁରକ୍ଷା ସମ୍ବନ୍ଧୀୟ ଖବର, ଆତଙ୍କବାଦୀ ଆକ୍ରମଣ ଇତ୍ୟାଦି ବହୁ ସମ୍ବେଦନଶୀଳ ଖବର ପରିବେଷଣ ଓ ବିଶ୍ଳେଷଣ କରାବେଳେ ବହୁ ସାବଧାନତା ଅବଲମ୍ବନ କରିବା ଜରୁରୀ । ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସରେ ଗଣମାଧ୍ୟମର ସୁରକ୍ଷା, ସ୍ୱାଧୀନତା ଯେପରି ଅକ୍ଷୁର୍ଣ୍ଣ ରହିବ ସେଥିପ୍ରତି ସରକାର ଓ ଜନସାଧାରଣ ଉଭୟ ଦୃଷ୍ଟି ଦେବା ଆବଶ୍ୟକ ।

**ଭୁବନେଶ୍ୱର**

## ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା

◆ ଅକ୍ଷୟ କୁମାର ରାଉତ

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି । ସେ ବନ୍ୟା କି ମରୁଡ଼ି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକ ମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧମରେ ପ୍ରକାଶ କରିଥାଆନ୍ତି । ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ । ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ । ଏହି ଶବ୍ଦର ଅକ୍ଷରଗୁଡିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ । **'N'** ଅକ୍ଷରଟି **North** ବା ଉତର ଦିଗ, **'E'** ଅକ୍ଷରଟି **East** ବା ପୂର୍ବ ଦିଗର ପ୍ରତୀକ, **'W'** ବର୍ଣ୍ଣଟି ପଶ୍ଚିମ ଦିଗ ବା **West** ବୁଝାପଡେ । ସେହିପରି ଦକ୍ଷିଣ ଦିଗ ସ୍ଥାନରେ **S** ବା **South** କୁ ବୁଝାଯାଏ । ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧମରେ 'ଖବର' ରୂପେ ପ୍ରକାଶ ପାଏ । ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି । ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି । ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ । କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି । ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି । ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି । ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ । ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି । ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି । କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ । କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି । ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ । ସକାଳ ଚାକିରି ସଞ୍ଜକୁ ନାହିଁ । ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ । ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ । ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି । କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ । ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେ□ାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ । କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧମ । ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଂଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ ।ଚତୁର୍ଥ ସ୍ତମ୍ଭ ଗଣମାଧମର ଉ□ର ଦାୟିତ୍ୱ ସବୁଠାରୁ ବେଶୀ । ବର୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ । ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂର୍ଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧମ ପାଲଟିଥିଲା । ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୧୯ରୁ ୧୯୪୭ ମଧ୍ୟବର୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତନ ଆଣିଦେଲା । ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତନ ଘଟିଲା । ଗାନ୍ଧୀଜୀ ପା□ଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ । ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ । 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ । ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା । ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା । ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍ । ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ । ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ । ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତମାନ ଯୁଗରେ ସମ୍ଭବ ନୁହେଁ । ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି । ତାହା ସର୍ବଦା ଜୀବଜଗତର ହିତ ପାଇଁ । ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ ।ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍' । ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା । ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା । ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା' । ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ । ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ । ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର । ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' । ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତିକା । ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ । ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ ।

*ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
୯୯୩୭୬୯୧୪୭୫*

## ଖବରକାଗଜ ସମାଜର ଆଖି ଓ କାନ

◆ ଶଶିଭୂଷଣ ପ୍ରହରାଜ

ପ୍ରତିବର୍ଷ ମେ' ୩ ତାରିଖରେ ପାଳିତ ହୋଇଆସୁଛି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ । ୧୯୯୧ ମସିହାରେ ନାମ୍ବିଆର ଓ୍ୱିଣ୍ଡହକଠାରେ ଆୟୋଜିତ ଏକ ସେମିନାରରେ ପ୍ରେସ୍ ସ୍ୱାଧୀନତା ଦିବସ ପାଳନର ମୂଳଦୁଆ ପଡ଼ିଥିଲା । ତେବେ ଉକ୍ତ ସେମିନାରର ଘୋଷଣାନାମା କାର୍ଯ୍ୟକାରୀ କରିବା ଦିନକୁ ମନେ ପକାଇବା ପାଇଁ ପ୍ରତିବର୍ଷ ସାରା ବିଶ୍ୱରେ ମେ' ୩ ତାରିଖକୁ ବିଶ୍ୱ ଗଣମାଧମ ସ୍ୱାଧୀନତା ଦିବସ ରୂପେ ପାଳନ କରାଯାଉଛି । ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ବିଷୟରେ ଜାଣିବା ପୂର୍ବରୁ ପ୍ରେସ୍ ସ୍ୱାଧୀନତା ବିଷୟରେ ସମସ୍ତେ ସଚେତନ ହେବା ଆବଶ୍ୟକ । ସମାଜରେ ଗଣତନ୍ତ୍ର ସୁରକ୍ଷାରେ ପ୍ରେସ୍ ସ୍ୱାଧୀନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ବିଶ୍ୱର ବିକାଶ ଏ ଦିନର ଅନୁଚିନ୍ତା ଅଟେ । ଏକ ଦେଶରେ ଗଣତନ୍ତ୍ରର ବିକାଶ, ଅର୍ଥନୈତିକ ପରିଚାଳନାଗତ ଉନ୍ନତି ପାଇଁ ଲୋକାଭିମୁଖୀ ଏକ ମୁକ୍ତ ପ୍ରେସ୍ ସଂଗଠନ, ପରିଚାଳନା ଓ ପରିପାଳନ ଏହାରା ମୂଳ ଲକ୍ଷ୍ୟ ଥିଲା । ପ୍ରେସ୍ ସ୍ୱାଧୀନତା କହିଲେ କୌଣସି ହସ୍ତକ୍ଷେପ ନକରି ପ୍ରେସ୍, ନାଗରିକ ଏବଂ ଏ ସମ୍ପର୍କିତ ସଂଗଠନ ଗୁଡ଼ିକୁ କାର୍ଯ୍ୟ କରିବାକୁ ଦିଆଯିବାକୁ କୌଣସି ସରକାରଙ୍କ ପ୍ରତିଶ୍ରୁତିକୁ ବୁଝାଏ । ଏଥିରେ ଲୋକଙ୍କ ପାଇଁ ଖବର ସଂଗ୍ରହକାରୀ ସଂଗଠନ, ଖବର ସରବରାହ ସଂସ୍ଥା ମଧ ଅନ୍ତର୍ଭୁକ୍ତ । ବିଶ୍ୱର ବିଭିନ୍ନ ଦେଶରେ ସମ୍ବିଧାନରେ ପ୍ରେସ୍ ସ୍ୱାଧୀନତା ବିଷୟରେ ସ୍ପଷ୍ଟ ଉଲ୍ଲେଖ ହୋଇନାହିଁ । ସରକାର କେତେକ ଦସ୍ତାବିଜ ଗୁପ୍ତ, ଜାତୀୟ ସ୍ୱାର୍ଥବିରୋଧୀ କିମ୍ବା ସମ୍ବେଦନଶୀଳ ଭଳି କାରଣ ଦର୍ଶାଇ ବାରଣ କରିବାର ନଜିର ରହିଛି । ସମ୍ବିଧାନର କୌଣସି ସ୍ଥାନରେ ପ୍ରେସ୍ ଶବ୍ଦ ଉଲ୍ଲେଖ ହୋଇନାହିଁ । ସ୍ୱାଧୀନ ଭାଷଣ ଓ ମତପ୍ରକାଶ ପାଇଁ ଭାରତର ସମ୍ବିଧାନ ଧାରା ୧୯(୧)(କ)ରେ ଉଲ୍ଲେଖ ହୋଇଛି । ତବେ ମାନନୀକରଣ, ଅଦାଲତ ଅବମାନନାକାରୀ ତଥ୍ୟ, ସାର୍ବଭୌମତ୍ୱ, ସଂହତି, ନିରାପ□ା ଓ ବନ୍ଧୁରାଷ୍ଟ୍ର ସହିତ ସମ୍ପର୍କରେ କ୍ଷତି ସୃଷ୍ଟିକାରୀ, ନୈତିକତା ବିହୀନ ଏବଂ ହିଂସା ସୃଷ୍ଟିକାରୀ ମତ ପ୍ରଦାନ କିମ୍ବା ପ୍ରକାଶନ ଉପରେ ଉପଧାରା (୨)ରେ ବାରଣ କରାଯାଇଛି । ୨୦୦୫ ମସିହାରେ ଭାରତର ସୂଚନା ଅଧିକାର ଆଇନ ଓ ୧୯୯୦ ମସିହାରେ ସ୍ୱତନ୍ତ୍ରୀକରଣ ଆରମ୍ଭ ହେବା ପରେ ଏବଂ ଅନେକ ଘରୋଇ ଗଣମାଧମ ସୃଷ୍ଟି ହେବା ପରଠାରୁ ଆପେ ଆପେ କିଛିଟି ପ୍ରେସ୍ ସ୍ୱାଧୀନତା ବୃଦ୍ଧି ପାଇଛି । ୨୦୦୩ ମସିହାରେ ଚାଇନା ଦେଶର ସାର୍ସ ବେମାରୀ ମହାମାରୀ ରୂପେ ବ୍ୟାପୁଛି ବୋଲି ଏକ ଖବର ଛାପି ଗୁଆଙ୍ଗ ଝାଉଠାରେ ଜଣେ ବ୍ୟକ୍ତି ସରକାରଙ୍କ ଦ୍ୱାରା ଅଟକ ଥିବା ସମୟରେ ମୃତ୍ୟୁ ଘଟିଛି ବୋଲି ଗଣମାଧମରେ ପ୍ରକାଶ କରି ଚା□ଲ୍ୟ ଖୋଳଇଥିଲେ ହଙ୍ଗ୍ । ସରକାରୀ କଳର ଅପପ୍ରୟୋଗ ଅଭିଯୋଗ ତଥା ସରକରଙ୍କ ବିରୁଦ୍ଧରେ ସ୍ୱର ଉତୋଳନ କରି ହଙ୍ଗ୍ ସରକାରଙ୍କ କ୍ରୋଧର ଶିକାର ହେଲେ । ପା□ମାସ ଜେଲ୍ ଭୋଗିଲେ । କାରଣ ଚାଇନାରେ ଖବରକାଗଜ ଗୁଡ଼ିକର ମାଲିକ ହେଉଛନ୍ତି ଖୋଦ ସରକାର । ହଙ୍ଗ୍‌ଙ୍କ ୨ଜଣ ସହଯୋଗୀ ମଧ ଜେଲ୍ ଭୋଗିଲେ । କାହାରି ନାଲି ଆଖି ଓ ହାତକଡ଼ି ଭୟ ତାଙ୍କୁ ପ୍ରଭାବିତ କରିନଥିଲା । ମନୋବଳକୁ ଅତୁଟ ରଖି ହଙ୍ଗ୍ ଆଗକୁ ମାଡ଼ି ଚାଲିଥିଲେ । ଶେଷରେ ୨୫ ହଜାର ଡଲାର ଆନ୍ତର୍ଜାତିକ ପୁରସ୍କାର ଲାଭ କରି ହଙ୍ଗ୍ କହିଥିଲେ ସତ୍ୟର ବିଜୟ ଘଟିଛି । ୧୯୯୭ ପରଠାରୁ ବିଶ୍ୱର ଜଣେ ନିର୍ଭୀକ ସାମ୍ବାଦିକଙ୍କୁ ଏହି ପୁରସ୍କାର ଦିଆଯାଉଛି । ୨୦୦୫ ମେ' ୩ ତାରିଖ । ସେନିଗାଲର ରାଜଧାନୀ ଡ଼ାକରାଠାରେ ଗଣମାଧମ ଉତ୍ସବରେ ଚାଇନାର ସାମ୍ବାଦିକ ଚେଙ୍ଗ ୟିଜ୍ ହଙ୍ଗଙ୍କୁ ନିର୍ଭୀକ ସାମ୍ବାଦିକ ଭାବେ ୟୁନେସ୍କୋ (ୟୁନାଇଟେଡ୍ ନେସନ୍ସ ଏଜୁକେଶନାଲ ସାଇଂଟିଫକ୍ ଆଣ୍ଡ କଲଚରାଲ ଅର୍ଗାନାଇଜେସନ)ର ଡାଇରେକ୍ଟର ଜେନେରାଲ କୋଇଚିରୋ ମାତସୁରା ପୁରସ୍କାର ପ୍ରଦାନ କରିଥିଲେ । ଚାଇନାରେ ଚାଲୁଥିବା ଏକଛତ୍ରବାଦ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କରି ସାମ୍ବାଦିକତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ ଉକ୍ତ ୪୦ ବର୍ଷ ବୟସ୍କ ୟଙ୍ଗ । ଦକ୍ଷିଣ ଆମେରିକାରେ ସାମ୍ବାଦିକ ଗୁଲିରେ-ମୋ-କାମୋ କଲମ୍ବିଆରେ କାର୍ଯ୍ୟରତ ଥିଲେ । ସେଠାରେ ଚୋରା ମାଦକ ଦ୍ରବ୍ୟ ବ୍ୟବସାୟୀ ଏପରି ପ୍ରଭାବଶାଳୀ ଥିଲେ ଯେ, ସରକାରଙ୍କ ବିଚାର ବ୍ୟବସ୍ଥା ଓ ପୋଲିସ୍ ମଧ ସେମାନଙ୍କୁ ଭୟ କରୁଥିଲା । ସରକାରଙ୍କୁ କବ୍ଜା କରି ନେବାର ପ୍ରୟାସ ଆରମ୍ଭ କରିବା ମାତ୍ରେ କାମୋ ତାଙ୍କ ଖବରକାଗଜରେ ଉକ୍ତ ଖବର ପ୍ରଚାର ଓ ପ୍ରସାର କଲେ । ଶେଷରେ ଚୋରା ମାଦକଦ୍ରବ୍ୟ ବେପାରୀମାନେ ବିଚ୍ ରାସ୍ତାରେ ତାଙ୍କୁ ଗୁଳି କରି ହତ୍ୟା କଲେ । ସେହି ଦୁଃଖଦ ସ୍ମୃତିକୁ ମନେ ରଖିବା ପାଇଁ ୟୁନେସ୍କୋ ପକ୍ଷରୁ ମେ' ୩ ତାରିଖକୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ରୂପେ ପାଳନ କରାଗଲା । ୟୁନେସ୍କୋ ମତାନୁସାରେ ପ୍ରେସ୍ ସ୍ୱାଧୀନତା ଦିଗରେ ଉଦ୍ୟମକୁ ଉତ୍ସାହ ପ୍ରଦାନ, ବିଶ୍ୱର ପ୍ରେସ୍ ସ୍ୱାଧୀନତାର ସ୍ତର ମୂଲ୍ୟାୟନ, ପ୍ରେସ୍ ସ୍ୱାଧୀନତାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ, ପ୍ରେସ୍ ସ୍ୱାଧୀନତା ପ୍ରତି ସରକାରଙ୍କ ପ୍ରତିଶ୍ରୁତି ପରିପାଳନ, ଗଣମାଧମ ପ୍ରତିନିଧିଙ୍କୁ ଉତ୍ସାହ ପ୍ରଦାନ, ନିର୍ଭୀକ ଭାବେ ଖବର ପରିବେଷଣ ତଥା ଜୀବନ ଦେଇଥିବା ସାମ୍ବାଦିକଙ୍କ ସ୍ମୃତି ଉଜ୍ଜୀବିତ କରିବା ଲାଗି ମେ' ୩ରେ ବିଶ୍ୱ ପ୍ରେସ୍ ଦିବସ ପାଳନ କରାଯାଉଛି । ୨୦୧୦ ମସିହାରେ ଭୁବନେଶ୍ୱରସ୍ଥିତ ସିଲିକନ ଇଞ୍ଜିନିୟରିଂ କଲେଜରେ ଖବର ସଂଗ୍ରହ ପାଇଁ ଯାଇଥିବା ଗଣମାଧମ ପ୍ରତିନିଧିଙ୍କୁ ଯେପରି ଆକ୍ରମଣରୁ ଆରମ୍ଭ କରି ୨୦୨୨ ତ୍ରିସ୍ତରୀୟ ପଂଚାୟତିରାଜ ନିର୍ବାଚନ ବେଳେ ଯାଜପୁର ଜିଲ୍ଲାରେ ଗଣମାଧମ ପ୍ରତିନିଧିମାନଙ୍କୁ ଆକ୍ରମଣ, ବଲେଶ୍ୱର ଜିଲ୍ଲା ନୀଳଗିରି ପୋଲିସ୍ ଦ୍ୱାରା ଗଣମାଧମ ପ୍ରତିନିଧିଙ୍କୁ ଚେନ କଡ଼ି ପକାଇ ବାନ୍ଧି ରଖିବା, ନଭେମ୍ବର ୨୦୦୨ରେ ଭୁବନେଶ୍ୱରଠାରେ ସାମ୍ବାଦିକଙ୍କ ଠାରୁ ବିଚ୍ ରାସ୍ତାରେ କ୍ୟାମେରା ଛଡ଼ାଇବା, ଡିସେମ୍ବର ୨୦୨୨ରେ ବାଲେଶ୍ୱର ବ୍ଲକ କର୍ତ୍ତୃପକ୍ଷ ଓ କର୍ମଚାରୀ ସରକାରୀ ଗାଡ଼ି ଅପବ୍ୟବହାର କରି ପିକ୍‌ନିକ୍ କରୁଥିବା ବେଳେ ଜନୈକ ସାମ୍ବାଦିକ ଫଟୋ ଉତୋଳନ କରୁଥିବା ସମୟରେ ବାହାନଗା ବିଡ଼ିଓ ଓ କର୍ମଚାରୀଙ୍କ ଦ୍ୱାରା ଆକ୍ରମଣ କରିବା, ନବରଙ୍ଗପୁରଠାରେ ପୋଲିସ୍ ଦ୍ୱାରା ଜନୈକ ସାମ୍ବାଦିକଙ୍କୁ ଆକ୍ରମଣ, କରୋନା କାଳ ବ୍ୟତିରେକ ପରବର୍ତୀ କାଳରେ ସାମ୍ବାଦିକଙ୍କୁ ଲୋକସେବା ଭବନକୁ ପ୍ରବେଶ ବାରଣ କରିବା ଇତ୍ୟାଦି ଘଟଣା ସମୂହ ପ୍ରେସ୍ ସ୍ୱାଧୀନତାରେ କୁଠାରଘାତ କରିଥିଲା । ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ଜମି ଅଧିଗ୍ରହଣ ବେଆଇନ ବୋଲି ଲୋକମାନେ ଧରିବା ପରେ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ଗଣମାଧମ ଉପରେ ସରକାର ରାଗ ଶୁଝାଇବା ପାଇଁ ଉଦ୍ୟମ କରିଥିଲେ, ଯାହାକି ପ୍ରେସ୍ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯିବାର ଚକ୍ରାନ୍ତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କେତେକ ସ୍ଥଳେ ବିଚାର ବ୍ୟବସ୍ଥା ମଧ କଳୁଷିତ ହୋଇଛି । ଏ ନେଇ ଖବର ପ୍ରସାରଣ ଦିଗରେ ମଧ ଅଙ୍କୁଶ ଲାଗିଛି । ଏ ନେଇ ୨୦୧୦ ମସିହାରେ ଏକ ନିର୍ଦ୍ଦିଷ୍ଟ ଖବର କାଗଜ ହିଁ ସ୍ୱର ଉ□ୋଳନ କରିଛି । ଏ ନେଇ ୨୦୧୦ ମସିହାରେ ଏକ ଖବରକାଗଜ 'ଫାଶି ଦିଅ' ଶୀର୍ଷକ ସମ୍ପାଦକୀୟ ପ୍ରକାଶ କରି ପ୍ରେସ୍ ସ୍ୱାଧୀନତାର ରାସ୍ତା ଦେଖାଇଛି । ଗ୍ରାମା□ଳରେ ମଧ ସାମ୍ବାଦିକମାନେ ଅବାଧ ଓ ନିରପେକ୍ଷ ଖବର ସଂଗ୍ରହ କରୁଥିବା ବେଳେ ପୋଲିସ୍, ପ୍ରଶାସନ, ଟାଉଟର ଆଦିଙ୍କ ଆକ୍ରୋଶର ଶିକାର ହେଉଥିବା ଏକ ନିତିଦିନିଆ ଘଟଣା ହୋଇଗଲାଣି । ୨୦୧୦ ମସିହାରେ ମାଓବାଦୀଙ୍କ ସହିତ ସମ୍ପର୍କ ଥିବା ଅଭିଯୋଗ କରି ଗଜପତି ଜିଲ୍ଲା ମୋହନା ବ୍ଲକର ଲକ୍ଷ୍ମଣ ଚୌଧୁରୀଙ୍କୁ ପୋଲିସ୍ ଯେଉଁଭଳି ଭାବେ ଗିରଫ କଲା ତାହା ଏଠି ପ୍ରେସ୍ ସ୍ୱାଧୀନତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା । ବିଶ୍ୱ ପ୍ରେସ୍ ସ୍ୱାଧୀନତା ଅବସରରେ ବିଶ୍ୱର ୧୮୦ଟି ଦେଶକୁ ନେଇ 'ପ୍ରେସ୍ ଫ୍ରିଡମ୍ ଇନ୍‌ଡେକ୍ସ' ସର୍ଭେ କରି ତାଲିକା ପ୍ରସ୍ତୁତି ହୋଇ ଆସୁଛି । ୨୦୧୨ ମସିହା ଭାରତର ମୂଲ୍ୟାୟନ ସ୍ଥାନ ୧୩୧ ଥିବା ବେଳେ ୨୦୧୮ ମସିହାରେ ୧୩୮, ୨୦୧୯ ମସିହାରେ ୧୫୦, ୨୦୨୦ ମସିହାରେ ୧୪୨, ୨୦୨୧ ମସିହାରେ ୧୪୨, ୨୦୨୨ ମସିହାରେ ୧୫୦ତମ ସ୍ଥାନରେ ରହିଛି । ଆମ ପଡ଼ୋଶୀ ଦେଶ ଶ୍ରୀଲଙ୍କା ଆମଠୁ ଅଧିକ ଫ୍ରିଡମ ପ୍ରଦାନ କରି ୧୪୬ ତମ ସ୍ଥାନ, ହଂକଂ ୧୪୮ତମ ସ୍ଥାନରେ ରହିଛି । ୨୦୧୮ ମସିହାରେ ଡେନମାର୍କ ୯ ନମ୍ବର ସ୍ଥାନରେ ଥିବାବେଳେ ୨୦୨୨ରେ ୨ ନମ୍ବର ସ୍ଥାନ ପାଇଛି । ସ୍ୱିଡେନ ୩ ନମ୍ବର ସ୍ଥାନ ପାଇଛି । ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ନରୱେ ପ୍ରଥମ ସ୍ଥାନରେ ରହିଛି । ଆମ ଦେଶରେ ୨୦୧୪ରୁ ୨୦୨୨ ମଧ୍ୟରେ ୪୦ରୁ ଅଧିକ ସାମ୍ବାଦିକ ନିହତ ହୋଇଥିବା ବେଳେ ୩ ଶହରୁ ଅଧିକ ସାମ୍ବାଦିକ ପ୍ରାଣଘାତି ଆକ୍ରମଣର ଶିକାର ହୋଇଥିବା ଜଣାଯାଇଛି । ୨୬ ମଇ, ୨୦୧୪ ଗଞ୍ଜାମ ଜିଲ୍ଲା ଖଲିକୋଟ ସାମ୍ବାଦିକ ତରୁଣ ଆଚାର୍ଯ୍ୟଙ୍କୁ ହତ୍ୟା କରାଯାଇଥିଲା । ସେହିପରି ବିଭିନ୍ନ ରାଜ୍ୟରେ ଏଭଳି ଘଟଣା ଦୃଶ୍ୟମାନ ହୋଇଛି । ସାମଗ୍ରିକ ଭାବେ ମିଡ଼ିଆ, ମିଡ଼ିଆ ପର୍ସନ ସଂଖ୍ୟା ବୃଦ୍ଧି ଘଟିଥିବା ବଳେ ଗତ ୧୦ ବର୍ଷ ମଧ୍ୟରେ ଆମ ଦେଶର ପ୍ରେସ୍ ସ୍ୱାଧୀନତା ସ୍ତର ଖସି ୧୩୮ରୁ ୧୫୦କୁ ଖସିଛି । ଯାହାକି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଶାସନ ବ୍ୟବସ୍ଥା ପ୍ରତି କୁଠାରଘାତ ହୋଇଛି । ଖବର କାଗଜ ଶାନ୍ତିରେ ଶାଶ୍ୱତ ମନ୍ତ୍ର ଉଚ୍ଚାରଣ କରେ । ସାମ୍ବାଦିକ ବନ୍ଧୁତାର ହାତ ବଢାଏ । ଶୋଷଣ, ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉଠାଇ ମୁକ୍ତିକାମୀ ପ୍ରଗତିଶୀଳ ସମାଜ ଗଠନ କରିବାକୁ ଉଦ୍ୟମ କରେ । ରାଷ୍ଟ୍ରର ଯାବତୀୟ ସମସ୍ୟାକୁ ସରକାରଙ୍କ ନିକଟରେ ପହଂଚାଏ । ବିଭିନ୍ନ ଘଟଣାବଳୀ, ମତାମତର ଆଲୋଚନା, ପର୍ଯ୍ୟାଲୋଚନା, ସମାଲୋଚନା, ଯୁକ୍ତିତର୍କକୁ ନିର୍ଭୀକ ଭାବେ ଉପସ୍ଥାପନ କରି ରାଷ୍ଟ୍ରର ସଂହତି, ଏକତା, ସଦ୍‌ଭାବ ପ୍ରତିଷ୍ଠାରେ ସହାୟକ ହୁଏ । ପ୍ରତିଭାର ଅନ୍ୱେଷଣ କରେ । ଶାସକ, ପ୍ରଶାସକଙ୍କ ଦୋଷ, ତ୍ରୁଟି, ଦୁର୍ବଳତା ଲୋକ ଲୋଚନକୁ ଆଣି ଜନସଚେତନତା ବଢାଏ । ନିର୍ଭୀକ ସଚ୍ଚୋଟ ସାମ୍ବାଦିକର ଜୀବନ ସଂଘର୍ଷପୂର୍ଣ୍ଣ । ଯାତ୍ରାପଥ କ□କିତ । ଏହା ସତ୍ତ୍ୱେ ରାଷ୍ଟ୍ରର ମଙ୍ଗଳ ସାଧନ ଏକମାତ୍ର ଲକ୍ଷ୍ୟ ତା'ର । ଖବରକାଗଜ ସମାଜର ଆଖି ଓ କାନ । ସାମ୍ବାଦିକତାର ହୃଦୟ । କାମଳ ସାମ୍ବାଦିକମାନେ ନିଶ୍ଚିତ ସମାଜର ଉପକାର ଅପେକ୍ଷା ଅନେକ ଅପକାର କରନ୍ତି । ମିଥ୍ୟା ଗୁଜବ ପ୍ରଚାର କରି ପାଣିରେ ନିଆଁ ଲଗାନ୍ତି । ସାମ୍ବାଦିକମାନେ ସତ୍ୟନିଷ୍ଠ ଦମନମୂଳକ ଶୋଷଣ ବିରୋଧି ଖବରକୁ ଅଗ୍ରାଧିକାର ଭିତିରେ ପ୍ରକାଶ କରିବା ଉଚିତ । ଅନେକ ଅବହେଳିତ ଅନାଥ ଶିଶୁ ରାସ୍ତାଘାଟରେ ଗଡୁଛନ୍ତି । ଅନେକ ଅଭଦ୍ର ଲୋକ ଭଦ୍ରମୁଖା ପିନ୍ଧି ଚଇତନ ମାରି ସମାଜରେ ବିଷବଳୟ ସୃଷ୍ଟି କରୁଛନ୍ତି । ସେମାନଙ୍କ ବିରୋଧରେ ଲେଖନୀ ଉଠୋଳନ କରି ସାମ୍ବାଦିକମାନେ ଦୃଢଭାବେ ଠିଆହେବା ଉଚିତ । ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ କରିବା ସାମ୍ବାଦିକତାର ଧର୍ମ । ଅନ୍ୟର ଗୋଡାଣିଆ ହୋଇ ଖବର ପରିବେଷଣ ଏକ ଗର୍ହିତ ଅପରାଧ । ଦେଶର ହିତ ଓ ସମାଜ କଲ୍ୟାଣ ପାଇଁ ସାମ୍ବାଦିକ ସର୍ବଦା ଚଳଚ□ଳ । ତେଣୁ ସାମ୍ବାଦିକରେ ସୁରକ୍ଷା ପାଇଁ ଗଣ ଓ ଗଣତନ୍ତ୍ର ଦାୟିତ୍ୱ ନେବା ଉଚିତ୍ । ସାମ୍ବାଦିକ ନିଃସ୍ୱାର୍ଥପର ଭାବେ ସମାଜରେ ଉନ୍ନତି ପରିକଳ୍ପେ କାର୍ଯ୍ୟ କରେ । କୃତଜ୍ଞ ସାମ୍ବାଦିକଙ୍କ ପ୍ରତି କେହି କୃତଘ୍ନ ଭଳି ବ୍ୟବହାର କରିବା ଅନୁଚିତ । ଅର୍ଥାତ ପ୍ରେସ୍ ସ୍ୱାଧୀନତା ନେଇ ସମସ୍ତ କ୍ଷେତ୍ରରେ ସକଳସ୍ତରରେ ସମସ୍ତେ ସହଯୋଗ କରିବା ଉଚିତ୍ ।

*ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ)
ଜାତୀୟ ସମ୍ପାଦକ, ଭାରତୀୟ ସାମ୍ବାଦିକ ସଂଘ (ଆଇଜେୟୁ)
ଫୋନ୍-୯୪୩୭୦୬୪୯୯୭, ୭୭୫୧୦୧୧୬୫୫*











# ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ

ସୌଭାଗ୍ୟ ରଂଜନ ମହାନ୍ତି(ରାଜା),

ଦ୍ୱନ୍ଦ ଏବଂ ବିଭାଜନରେ ଜର୍ଜରିତ ଏକ ବିଶ୍ୱରେ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଏକ ମୌଳିକ ସତ୍ୟକୁ ଉଜାଗର କରେ । ଲୋକମାନଙ୍କ ପାଇଁ ସ୍ୱାଧୀନତା ପ୍ରେସ୍ ସ୍ୱାଧୀନତା ଉପରେ ନିର୍ଭର କରେ । ମୁକ୍ତ ଏବଂ ସ୍ୱାଧୀନ ସାମ୍ବାଦିକତା ଏକ ଅତ୍ୟାବଶ୍ୟକୀୟ ସାର୍ବଜନୀନ ମଙ୍ଗଳ ଏହା ଉତରଦାୟିତ୍ୱ, ନ୍ୟାୟ, ସମାନତା ଏବଂ ମାନବିକ ଅଧିକାରର ମେରୁଦଣ୍ଡ ସବୁଠି ସାମ୍ବାଦିକମାନେ ମୁକ୍ତ ଭାବରେ ଏବଂ ଭୟ କିମ୍ବା ପକ୍ଷପାତ ବିନା ରିପୋର୍ଟ କରିବାକୁ ସକ୍ଷମ ହେବା ଆବଶ୍ୟକ ଯେତେବେଳେ ସାମ୍ବାଦିକମାନେ କାମ କରିବାକୁ ଅକ୍ଷମ ହୁଅନ୍ତି, ଆମେ ସମସ୍ତେ ହାର ମାନିଥାଉ ଦୁଃଖଦ ଭାବରେ, ଏହା ପ୍ରତିବର୍ଷ ଅଧିକ କଷ୍ଟକର ହେଉଛି ଏବଂ ଅଧିକ ବିପଦଜନକ

ସାମ୍ବାଦିକମାନେ ଆକ୍ରମଣ, ଅଟକ, ସେନ୍ସରସିପ୍, ଧମକ ହିଂସା ଏବଂ ମୃତ୍ୟୁର ସମ୍ମୁଖୀନ ହୁଅନ୍ତି - କେବଳ ସେମାନଙ୍କର କାମ କରିବା ପାଇଁ ଆମେ ସଂଘର୍ଷ ଆଳରେ - ବିଶେଷ କରି ଗାଜାରେ -ହତ୍ୟା କରାଯାଇଥିବା ସାମ୍ବାଦିକଙ୍କ ସଂଖ୍ୟାରେ ତୀବ୍ର ବୃଦ୍ଧି ଦେଖୁଛୁ ଏବଂ ବର୍ତମାନ - ଯେପରି ଏହି ବର୍ଷର ବିଷୟବସ୍ତୁ ଆମକୁ ମନେ ପକାଇ ଦିଏ - ପ୍ରେସ୍ ସ୍ୱାଧୀନତା ଏକ ଅଭୂତପୂର୍ବ ବିପଦର ସମ୍ମୁଖୀନ ହୁଏ । କୃତ୍ରିମ ବୁଦ୍ଧିମତା । ଅଭିବ୍ୟକ୍ତିର ସ୍ୱାଧୀନତାକୁ ସମର୍ଥନ କରିପାରିବ କିମ୍ବା ଏହାକୁ ଦମନ କରିପାରିବ । ପକ୍ଷପାତପୂର୍ଣ୍ଣ ଆଲଗୋରିଦମ, ସିଧାସଳଖ ମିଛ ଏବଂ ଘୃଣା ଭାଷଣ ସୂଚନା ମହାରାସ୍ତାରେ ଲ୍ୟାଣ୍ଡମାଇନ୍ । ସଠିକ୍ ଯାଂଚ ଯୋଗ୍ୟ ତଥ୍ୟ - ଆଧାରିତ ସୂଚନା ହେଉଛି ସେମାନଙ୍କୁ ନିଷ୍କ୍ରିୟ କରିବା ପାଇଁ ସର୍ବୋତମ ଉପକରଣ । ଗତ ବର୍ଷ ଗୃହିତ ଗ୍ଲୋବାଲ ଡିଜିଟାଲ କମ୍ପାକ୍ଟରେ ସ୍ଥାନରେ ସୂଚନା ଅଖଣ୍ଡତା, ସହନଶୀଳତା ଏବଂ ସମ୍ମାନକୁ ପ୍ରୋତ୍ସାହିତ କରିବା ପାଇଁ ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ କରିବା ପାଇଁ ଠୋସ୍ ପଦକ୍ଷେପ ଅନ୍ତର୍ଭୁକ୍ତ । ମାନବାଧିକାର ସହିତ ସୁସଙ୍ଗତ ଏବଂ ତଥ୍ୟକୁ ପ୍ରାଥମିକତା ଦେବା ପାଇଁ ଇଓକୁ ଏପରି ଭାବରେ ଗଢି ତୋଳିବା । ଏହି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସରେ, ଆସନ୍ତୁ ଏହାକୁ ବାସ୍ତବତାରେ ପରିଣତ କରିବା ଏବଂ ପ୍ରେସ୍ ସ୍ୱାଧୀନତା ଏବଂ ସବୁଠି ପ୍ରେସ୍‌କୁ ସୁରକ୍ଷିତ ରଖିବା ପାଇଁ ପ୍ରତିବଦ୍ଧ ହେବ । ଇଓ ବିପ୍ଲବର ସାମ୍ନାରେ ମତବ୍ୟକ୍ତର ସ୍ୱାଧୀନତା କୃତ୍ରିମ ବୁଦ୍ଧିମତା(ଇଓ)ର ଦ୍ରୁତ ଅଭିବୃଦ୍ଧି ଏବଂ ବ୍ୟବହାର ସାମ୍ବାଦିକତା, ଗଣମାଧ୍ୟମ ଏବଂ ପ୍ରେସ୍ ସ୍ୱାଧୀନତାକୁ ବଡ ଧରଣର ପରିବର୍ତନ କରୁଛି । ମୁକ୍ତ, ସ୍ୱାଧୀନ ଏବଂ ବହୁବିଧ ଗଣମାଧମର ନୀତି ଗୁରୁତ୍ୱପୂର୍ଣ୍ଣ ରହିଥିଲେ ମଧ୍ୟ, ସୂଚନା ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ପ୍ରସାରଣ ଉପରେ ଇଓର ପ୍ରଭାବ ଗଭୀର, ଯାହା ନୂତନ ସୁଯୋଗ ଏବଂ ଗମ୍ଭୀର ଚ୍ୟାଲେଞ୍ଜ ଉଭୟ ଉପସ୍ଥାପନ କରେ । ଇଓ ସୂଚନାକୁ ସହଜରେ ପହଁଚାଇବା ବିଶ୍ୱବ୍ୟାପୀ ଅଧିକ ଲୋକଙ୍କୁ ଯୋଗାଯୋଗ କରିବାକୁ ଅନୁମତି ଦେବା ଏବଂ ବିଶ୍ୱବ୍ୟାପୀ ସୂଚନା ପ୍ରବାହର ପଦ୍ଧତି ପରିବର୍ତନ କରି ଅଭିବ୍ୟକ୍ତିର ସ୍ୱାଧୀନତା ସମର୍ଥନ କରିବାରେ ସାହାଯ୍ୟ କରିପାରେ । ସେହି ସମୟରେ, ଇଓ ନୂତନ ବିପଦ ଆଣିଥାଏ । ଏହାକୁ ମିଥ୍ୟା କିମ୍ବା ଭ୍ରାମକ ସୂଚନା ପ୍ରସାରଣ କରିବା, ଅନଲାଇନ୍ ଘୃଣା ଭାଷଣ ବୃଦ୍ଧି କରିବା ଏବଂ ନୂତନ ପ୍ରକାରର ସେନ୍ସରସିପ୍ ସମର୍ଥନ କରିବା ପାଇଁ ବ୍ୟବହାର କରାଯାଇପାରିବ । କିଛି ଅଭିନେତା ସାମ୍ବାଦିକ ଏବଂ ନାଗରିକଙ୍କ ଗଣ ନିରୀକ୍ଷଣ ପାଇଁ ଓ ବ୍ୟବହାର କରନ୍ତି, ଯାହା ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଏକ ଭୟଙ୍କର ପ୍ରଭାବ ସୃଷ୍ଟି କରେ । ବଡ ଟେକ୍ ପ୍ଲାଟଫର୍ମଗୁଡିକ କେଉଁ ବିଷୟବସ୍ତୁ ଦେଖାଯାଉଛି ତାହା ଫିଲ୍ଟର ଏବଂ ନିୟନ୍ତ୍ରଣ କରିବା ପାଇଁ ଇଓ ବ୍ୟବହାର କରନ୍ତି, ସେମାନଙ୍କୁ ସୂଚନାର ଶକ୍ତିଶାଳୀ ଦ୍ୱାରପାଳ କରିଥାଏ । ଏପରି ଚିନ୍ତା ବଢୁଛି ଯେ ଇଓ ବିଶ୍ୱବ୍ୟାପୀ ଗଣମାଧମକୁ ଅତ୍ୟଧିକ ସମାନ କରିପାରେ, ଭିନ୍ନ ଦୃଷ୍ଟିକୋଣକୁ ହ୍ରାସ କରିପାରେ ଏବଂ ଛୋଟ ଗଣମାଧମକୁ ବାହାର କରିପାରେ । ଇଓ କାର୍ଯ୍ୟଗୁଡିକୁ ସ୍ୱୟଂଚାଳିତ କରି, ସେମାନଙ୍କୁ ଅଧିକ ଦକ୍ଷ କରି ଏବଂ ଚାହିଦା ପୂରଣ କରିବାରେ ସାହାଯ୍ୟ କରି ଗଣମାଧମ ସଂଗଠନଗୁଡିକୁ ମଧ୍ୟ ସାହାଯ୍ୟ କରିପାରିବ । କିନ୍ତୁ ସେହି ସମୟରେ, ଅନେକ ଗଣମାଧମର ଆର୍ଥିକ ସ୍ୱାସ୍ଥ୍ୟ ଦୁର୍ବଳ ହେଉଛି । ଜେନେରେଟିଭ ଇଓ ଉପକରଣଗୁଡିକ ନ୍ୟାୟାସଙ୍ଗତ ଦେୟ ବିନା ସାମ୍ବାଦିକ ବିଷୟବସ୍ତୁକୁ ପୁନଃବ୍ୟବହାର କରି, ସାଧନ ଗଣମାଧମରୁ ଆୟ ଛଡାଇ ନେଇ ଟେକ୍ ପ୍ଲାଟଫର୍ମ ଏବଂ ଇଓ କମ୍ପାନୀଗୁଡିକୁ ପ୍ରଦାନ କରି । ଇଓ ନିର୍ବାଚନରେ ଏକ ବଡ ଭୂମିକା ଗ୍ରହଣ କରୁଛି, ତଥ୍ୟ ଯାଂଚ ଏବଂ ଭୁଲ ସୂଚନା ବିରୋଧରେ ଲଢିବାରେ ସାହାଯ୍ୟ କରୁଛି । ଏହା ସାମ୍ବାଦିକ ଏବଂ ଭୋଟରମାନଙ୍କୁ ଗଣତନ୍ତ୍ରରେ ସୂଚିତ୍ର ଅଂଶଗ୍ରହଣକୁ ସମର୍ଥନ କରିବା ପାଇଁ ମଧ୍ୟ ଉପକରଣ ପ୍ରଦାନ କରୁଛି । କିନ୍ତୁ ଇଓ ବିପଦ ମଧ୍ୟ ସୃଷ୍ଟି କରୁଛି । ଏହାକୁ ଡିପଫେକ୍ ପରି ନକଲି କିନ୍ତୁ ବାସ୍ତୁବାଦୀ ବିଷୟବସ୍ତୁ ତିଆରି କରିବାକୁ ବ୍ୟବହାର କରାଯାଇପାରିବ, ଯାହା ଗଣତାନ୍ତ୍ରୀକ ବ୍ୟବସ୍ଥାରେ ବିଶ୍ୱାସକୁ କ୍ଷତି ପହଁଚାଇବପାରେ । ଏହି ଚ୍ୟାଲେଞ୍ଜଗୁଡିକୁ ସମାଧାନ କରିବା ପାଇଁ ସରକାର, ଗଣମାଧମ ଏବଂ ନାଗରିକ ସମାଜ ମଧ୍ୟରେ ସହଯୋଗ ଆବଶ୍ୟକ । ଟଘ ଏକ୍ଷକ୍ଟଭବକ୍ଷ ଉସଶସତ୍ତ୍ୱବକ୍ଷ ଉକ୍ଟଙ୍କକ୍ଟ୍ରବମତ୍ତ୍ୱ କହିଛି ଲୋକମାନଙ୍କର ଗୋପନୀୟତା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ସୁରକ୍ଷା ଦେବା ସହିତ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସୃଷ୍ଟି ସମସ୍ୟାର ମୁକାବିଲା କରିବା ଗୁରୁତ୍ୱପୂର୍ଣ୍ଣ । ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ୨୦୨୫ ପ୍ରେସ୍ ସ୍ୱାଧୀନତା, ସୂଚନାର ମୁକ୍ତ ପ୍ରବାହ, ଗଣମାଧ୍ୟମ ସ୍ୱାଧୀନତା ଏବଂ ସୂଚନାର ପ୍ରବେଶ ସୁନିଶ୍ଚିତ କରିବା ଏବଂ ମୌଳିକ ସ୍ୱାଧୀନତାକୁ ସୁରକ୍ଷା ଦେବାର ବିଶ୍ୱ ଲକ୍ଷ୍ୟ (ଝଡଏ ୧୬.୧୦) ଉପରେ ଇଓ କିପରି ପ୍ରଭାବ ପକାଏ ତାହା ଉପରେ ଧ୍ୟାନ ଦିଏ ।

ଏହି ଦିବସର ଉତ୍ପତି ଏବଂ ଉଦ୍ଦେଶ୍ୟ:

ୟୁନେସ୍କର ସାଧାରଣ ସମ୍ମିଳନୀର ସୁପାରିଶ ପରେ ଡିସେମ୍ବର ୧୯୯୩ରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଘୋଷଣା କରାଯାଇଥିଲା । ସେବେଠାରୁ ୩ମେ, ୱିଣ୍ଡହୋକ୍ ଘୋଷଣାପତ୍ରର ବାର୍ଷିକୀକୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଭାବରେ ବିଶ୍ୱ ପାଳନ କରାଯାଉଛି । ୩୦ବର୍ଷ ପରେ, ସୂଚନା ଖୋଜିବା, ପ୍ରଦାନ କରିବା ଏବଂ ଗ୍ରହଣ କରିବାର ସ୍ୱାଧୀନତା ଏବଂ ଜନସାଧାରଣଙ୍କ ମଙ୍ଗଳ ମଧ୍ୟରେ ହୋଇଥିବା ଐତିହାସିକ ସଂଯୋଗ ସ୍ୱାକ୍ଷର ସମୟରେ ଯେପରି ପ୍ରାସଙ୍ଗିକ ଥିଲା ସେହିପରି ରହିଛି । ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅନ୍ତର୍ଜାତୀୟ ସମ୍ମିଳନୀ ସମୟରେ ୩୦ତମ ବାର୍ଷିକୀ ପାଳନ କରିବାର ଯୋଜନା କରାଯାଇଛି । ୩ମେ ସରକାରମାନଙ୍କୁ ପ୍ରେସ୍ ସ୍ୱାଧୀନତା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ସମ୍ମାନ ଦେବାର ଅବାଶ୍ୟକତାକୁ ସ୍ମରଣ କରାଯାଇଥାଏ । ଏହା ଗଣମାଧମ ବୃତିଗତମାନଙ୍କ ମଧ୍ୟରେ ପ୍ରେସ୍ ସ୍ୱାଧୀନତା ଏବଂ ବୃତିଗତ ନୀତି ବିଷୟରେ ପ୍ରତିଫଳନର ଏକ ଦିନ । ଏହା ଏକ ସୁଯୋଗ । ପ୍ରେସ ସ୍ୱାଧୀନତାର ମୌଳିକ ନୀତି ପାଳନ କରିବା । ସାରା ବିଶ୍ୱରେ ପ୍ରେସ୍ ସ୍ୱାଧୀନତାର ସ୍ଥିତି ମୂଲ୍ୟାଙ୍କନ କରିବା । ଗଣମାଧମକୁ ସେମାନଙ୍କ ସ୍ୱାଧୀନତା ଉପରେ ଆକ୍ରମଣରୁ ରକ୍ଷା କରିବା ଏବଂ କର୍ତବ୍ୟ ପାଳନ ସମୟରେ ପ୍ରାଣ ହରାଇଥିବା ସାମ୍ବାଦିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା । ପ୍ରକାଶନ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବା ଶବ୍ଦ ଏବଂ ପ୍ରତଛବି ଦ୍ୱାରା ଚିନ୍ତାଧାରାର ମୁକ୍ତ ପ୍ରବାହକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଆଦେଶ ସହିତ ଜାତିସଂଘ ଏଜେନ୍ସି ଭାବରେ ମୁଦ୍ରିତ, ଟଘରଝଉଡ ପ୍ରସାରଣ ଏବଂ ଅନଲାଇନ୍‌ରେ ମୁକ୍ତ ସ୍ୱାଧୀନ ଏବଂ ବହୁବିଧ ଗଣମାଧମକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରେ । ଏହି ଧାରାରେ ଗଣମାଧମ ବିକାଶ ପ୍ରକାଶନ ସ୍ୱାଧୀନତାକୁ ବୃଦ୍ଧି କରେ ଏବଂ ଏହା ଶାନ୍ତି, ସ୍ଥାୟିତ୍ୱ, ଦାରିଦ୍ର୍ୟ ଦୂରୀକରଣ ଏବଂ ମାନବାଧିକାରରେ ଯୋଗଦାନ ଦିଏ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-
୭୯୭୮୬୬୬୪୦୩

# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା

ଅକ୍ଷୟ କୁମାର ରାଉତ

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି । ସେ ବନ୍ୟା କି ମରୁଡି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି । ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ ।

ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ । ଏହି ଶବ୍ଦର ଅକ୍ଷରଗୁଡିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ । 'N' ଅକ୍ଷରଟି North ବା ଉ□ର ଦିଗ, 'E' ଅକ୍ଷରଟି East ବା ପୂର୍ବ ଦିଗର ପ୍ରତୀକ, 'W' ବର୍ଣ୍ଣଟି ପଶ୍ଚିମ ଦିଗ ବା West ବୁଝାପଡେ । ସେହିପରି ଦକ୍ଷିଣ ଦିଗ ସ୍ଥାନରେ S ବା South କୁ ବୁଝାଯାଏ । ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି । ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି । ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ । କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି । ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି । ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି । ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ । ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି । ଶାସନ କ□ୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକ□ା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି । କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ । କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି । ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ । ସକାଳ ଚାକିରି ସଞ୍ଜକୁ ନାହିଁ । ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ । ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ । ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି । କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ । ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେ□ାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ । କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ । ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବ□ାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ ।

ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉ□ର ଦାୟିତ୍ୱ ସବୁଠାରୁ ବେଶୀ । ବ□ମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ । ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା । ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୧୯ରୁ ୧୯୪୭ ମଧ୍ୟବ□ୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବ□ନ ଆଣିଦେଲା । ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବ□ନ ଘଟିଲା । ଗାନ୍ଧୀଜୀ ପା□ଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ । ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ । 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ । ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା । ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା । ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍ । ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ । ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ । ଗାନ୍ଧୀଜୀ ଯେଉଁ ନୀତି ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବ□ମାନ ଯୁଗରେ ସମ୍ଭବ ନୁହେଁ । ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି । ତାହା ସର୍ବଦା ଜୀବଜଗତର ହିତ ପାଇଁ । ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ । ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍' । ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା । ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା । ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା' । ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ । ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ । ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର । ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' । ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବ□ିକା । ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ । ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ ।

ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର, ଫୋନ:
୯୯୩୭୬୯୧୪୭୫

# ଡିହାଇଡ୍ରେସନ୍



ମଣିଷ ଶରୀରର ୭୫ ଭାଗ ଜଳ ଆଧାରିତ, ଯାହା କି ଶରୀରର ବିଭିନ୍ନ କୋଷକୁ ଆଚ୍ଛାଦିତ କରିଥାଏ । ଅବଶିଷ୍ଟ ରହିଥାଏ ରକ୍ତ କଣିକାରେ । ଶରୀରରୁ ଜଳ କମିଗଲେ ମଣିଷ ଜୀବନ ସଙ୍କଟରେ ପଡ଼ିଯାଏ । ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ 'ଡିହାଇଡ୍ରେସନ୍' । ଆମ ଶରୀରରୁ ନିୟମିତ ଭାବେ ଜଳ କ୍ଷୟ ହୁଏ ଝାଳ ଓ ପରିସ୍ରା ଇତ୍ୟାଦି ମାଧ୍ୟମରେ । 'ଆଂଟି ଡ୍ୟୁରେଟିକ୍ ହରମୋନ' ବା ଏଡିଚ ବୃକକ ମାଧ୍ୟମରେ ଏହି ଜଳକ୍ଷୟକୁ ନିୟନ୍ତ୍ରିତ କରିଥାଏ ଓ ଶରୀର ପାଇଁ ଜଳ ସଂରକ୍ଷଣ କରିଥାଏ । ଏଥିରେ ବ୍ୟାଘାତ ସୃଷ୍ଟି ହେଲେ ବିପଦ ନିଶ୍ଚିତ । ତେବେ ଡିହାଇଡ୍ରେସନ୍ ଆଜିକାଲି ଏକ ବଡ଼ ସମସ୍ୟା ଭାବେ ଜଣାଶୁଣା ହେଲାଣି । ଯଥେଷ୍ଟ ପାଣି ନପିଇବା ଦ୍ୱାରା ସାଧାରଣତଃ ଏହି ସମସ୍ୟା ଉପୁଜିଥାଏ । ଡିହାଇଡ୍ରେସନ୍‌ର ଅନ୍ୟ କାରଣ ଝାଡ଼ା-ବାନ୍ତି ବା ଡାଏରିଆ । ଏହି କାରଣରୁ ଭାରତରେ ପ୍ରତିବର୍ଷ ୪ ମିଲିୟନ୍ ଶିଶୁଙ୍କ ମୃତ୍ୟୁ ହୋଇଥାଏ । ଶରୀରରୁ ଜଳୀୟ ଅଂଶ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବା ହିଁ ଡିହାଇଡ୍ରେସନ୍‌ର ପ୍ରମୁଖ କାରଣ । ଝାଡ଼ା ସହିତ ବାନ୍ତି ହେଲେ ରୋଗୀ ଗୁରୁତର ହୋଇପଡ଼େ; କାରଣ ଏହାଦ୍ୱାରା ଶରୀରରେ ଜଳର ଅଭାବକୁ ଭରଣା କରିବା କଷ୍ଟକର ହୋଇଥାଏ । ଗରମ ପରିବେଶ, ଅଧିକ ପରିଶ୍ରମ, ଦେହର ଉତାପ ବୃଦ୍ଧି ଇତ୍ୟାଦି କାରଣରୁ ଅଧିକ ଝାଳ ବାହାରିବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଥାଏ । କୌଣସି ସଂକ୍ରମଣ କାରଣରୁ ମଧ୍ୟ ଶରୀର ଶୁଷ୍କ ହୋଇଯାଏ । ବହୁମୂତ୍ର ରୋଗୀ ଡିହାଇଡ୍ରେସନ୍‌ର ଶିକାର ହେବା ଆଶଙ୍କା ଅଧିକ ରହିଥାଏ । ସେମାନଙ୍କ ରକ୍ତରୁ ଶର୍କରା ଅଂଶ ବୃଦ୍ଧି ପାଇବା ହିଁ ଏହାର କାରଣ । ପୋଡାରୋଗୀ ମଧ୍ୟ ଡିହାଇଡ୍ରେସନ୍ ଭୋଗି ପାରନ୍ତି; ଯେହେତୁ ସେମାନଙ୍କ ଚର୍ମ ଜଳ ଶୋଷି ନିଏ । ଏହାଛଡ଼ା ସଂକ୍ରମଣ କାରଣରୁ ମଧ୍ୟ ଜଳୀୟ ଅଂଶ ହ୍ରାସ ପାଇବାର ଆଶଙ୍କା ଥାଏ । ଡିହାଇଡ୍ରେସନରେ ସବୁଠୁ ବଡ଼ ବିପଦ ହେଉଛି ବୃକକ୍ ଅକାମୀ ହୋଇଯିବା । ଡିହାଇଡ୍ରେସନ୍ ଯେତିକି ବୃଦ୍ଧି ପାଏ ସେହି ପରିମାଣରେ କୋଷ ଓ ରକ୍ତକଣିକାଗୁଡ଼ିକ ଶୁଷ୍କ ହୋଇଯାଏ । ରକ୍ତଚାପ ଗୁରୁତର ଭାବେ ହ୍ରାସ ପାଏ ଏବଂ ଏହାଦ୍ୱାରା କେତେକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅକାମୀ ହୋଇଯାଏ । ଏମିତିକି ରୋଗୀ କୋମାରେ ପଡ଼ିଯିବାର ମଧ୍ୟ ଆଶଙ୍କା ରହିଥାଏ । ରକ୍ତଚାପ ହ୍ରାସ ପ୍ରତ୍ୟକ୍ଷ ଭାବେ ମସ୍ତିଷ୍କକୁ ପ୍ରଭାବିତ କରେ । ପରିସ୍ଥିତି ଗୁରୁତର ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ ହୋଇପଡ଼େ । ବେଳେ ବେଳେ ଜଳୀୟ ଅଂଶ କ୍ଷୟର ଭରଣା କରାଯାଇନପାରିଲେ ମସ୍ତିଷ୍କ ଆଘାତ ଭଳି ଅବସ୍ଥା ଉପୁଜେ । ଶରୀରକୁ ଯଥେଷ୍ଟ ଅମ୍ଳଜାନ ମିଳେ ନାହିଁ । ରକ୍ତଚାପ ହ୍ରାସ ସହିତ ଏଭଳି ସମସ୍ୟା ରୋଗୀକୁ ମୃତ୍ୟୁ ମୁଖକୁ ଠେଲି ଦିଏ । ଅତ୍ୟଧିକ ଗରମ କାରଣରୁ ଯଦି ଡିହାଇଡ୍ରେସନ୍ ହୋଇଥାଏ ତେବେ ଅଧିକ ଝାଳବୋହି ଶରୀରକୁ ଶୀତଳ କରିବାକୁ ଚେଷ୍ଟାକରେ । ଏହା ଯଥେଷ୍ଟ ନହେଲେ ବା ଆବଶ୍ୟକ ମେ□ାଇ ନପାରିଲେ ମାଂସପେଶୀ ଗୁଡ଼ିକ ସଂକୁଚିତ ହୋଇଯାଏ । ଯାହାକି ସୁଧୁରିବା କଷ୍ଟକର । ଡିହାଇଡ୍ରେସନର ସିଧାସଳଖ ଲିଭର ସହିତ ସମ୍ପର୍କ ରହିଛି । ଏହା ପାଚନ ପ୍ରକ୍ରିୟାକୁ ସଂକ୍ରମଣ କଲେ ରୋଗୀଟିର ସମସ୍ୟା ଦ୍ୱିଗୁଣିତ ହୋଇଥାଏ । ଡିହାଇଡ୍ରେସନ୍‌ର ଚିକିତ୍ସା ପାଇଁ ସର୍ବୋତ୍କୃଷ୍ଟ ଉପାୟ ହେଉଛି ଶରୀରକୁ ଯଥେଷ୍ଟ ଜଳ ଯୋଗାଇଦେବା ଓ ଜଳୀୟ ଅଂଶ ବୃଦ୍ଧି କରିବା । ପ୍ରଥମେ ରୋଗୀକୁ ଯଥେଷ୍ଟ ପରିମାଣରେ ପାଣି ପିଆଇବା ଉଚିତ । 'ଇଲେକ୍ଟ୍ରୋଲାଇଟ' ଆଧାରିତ ପାଣି ପିଆଇବା ଦ୍ୱାରା ଯଥେଷ୍ଟ ଉପକାର ମିଳିଥାଏ । ଏହାଛଡ଼ା ଜଳୀୟ ଅଂଶ ବୃଦ୍ଧିକାରୀ ତରଳ ପଦାର୍ଥ ରୋଗୀକୁ ବାରମ୍ବାର ପିଆଇବା ଉଚିତ । ଏଥିରେ ସଫଳତା ନମିଳିଲେ ସାଲାଇନ୍ ଯୋଗେ ସିଧା ଧମନୀରେ ଜଳୀୟ ଅଂଶ ଭରଣା କରାଯାଏ । ପରିସ୍ରା ଠିକ୍ ହେବା ପର୍ଯ୍ୟନ୍ତ ଜାରୀ ରଖାଯାଏ । ଶରୀର ଶୁଷ୍କ ହୋଇଯାଇଥିବାରୁ ବୃକକ୍‌ର କାର୍ଯ୍ୟକାରିତା ପ୍ରାୟ ବନ୍ଦ ରହିଥାଏ । ଔଷଧ ବା ଇଞ୍ଜେକସନ୍ ଦ୍ୱାରା ଏହାକୁ ସବଳ କରିବାକୁ ହୁଏ । ଏହାଛଡ଼ା ବାନ୍ତି, ଝାଡ଼ା ତଥା ଜ୍ୱରକୁ ନିୟନ୍ତ୍ରଣ କରିବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଡିହାଇଡ୍ରେସନ୍ ଏମିତି ଏକ ସମସ୍ୟା ବା ରୋଗ ଯେ ଏହାର ଚିକିତ୍ସା ଅପେକ୍ଷା ଏଥିପ୍ରତି ସତର୍କତା ଓ ପ୍ରତିଷେଧକ ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତିଦିନ ଯଥେଷ୍ଟ ପରିମାଣରେ ପାଣି ପିଇବା ଉଚିତ । ଖରାଦିନେ ଏହି ପରିମାଣ ବୃଦ୍ଧି କରିବା ଉଚିତ । ଗାଢ଼ରଙ୍ଗର ପୋଷାକ ପିନ୍ଧିବା ଅନୁଚିତ । ଏହାଛଡ଼ା ଟିପା ପୋଷାକ ପରିବ□େ ଢ଼ିଲା ପୋଷାକ ପିନ୍ଧିବା ଉଚିତ । କାଫିନ୍‌ଯୁକ୍ତ ତଥା ନିଶାଯୁକ୍ତ ପାନୀୟ ସର୍ବାଦୌ ବର୍ଜନୀୟ । ଅଧିକ ସୂର୍ଯ୍ୟତାପରୁ ନିଜକୁ ଦୂରେଇ ରଖନ୍ତୁ, ଶୀତଳ ଓ ଛାଇ ଜାଗାରେ ଚଳପ୍ରଚଳ ହୁଅନ୍ତୁ । ଖେଳାଖେଳି ଓ ବ୍ୟାୟାମ କରୁଥିବା ବ୍ୟକ୍ତି ଏହା ପୂର୍ବରୁ ମଝିରେ ବା ପରେ ସୋଡିୟମ୍‌ଯୁକ୍ତ ପାଣି ଯଥେଷ୍ଟ ପରିମାଣରେ ପିଇବା ଉଚିତ । ଏହା ଜଳୀୟ ଅଂଶ କ୍ଷୟକୁ ଭରଣା କରିବ । ଡିହାଇଡ୍ରେସନ୍‌ରେ ପୀଡ଼ିତ ରୋଗୀକୁ ତୁରନ୍ତ



ତଳେ ଚଟାଣରେ ଶୁଆଇ ଦିଅନ୍ତୁ । ପାଦକୁ ପିଢ଼ାପଟା ଆକାରରେ ଉଚ୍ଚା ରଖନ୍ତୁ । ଯଥେଷ୍ଟ ପାଣି ବା ଇଲେକ୍ଟ୍ରାଲ ପାଣି ପିଆନ୍ତୁ । ଶରୀର ଉ□ାପ ହ୍ରାସ ପାଇଁ ଯଥେଷ୍ଟ ପବନ ଛାଡ଼ନ୍ତୁ । ପାଖରେ ପଙ୍ଖା ଲଗାଇ ଦିଅନ୍ତୁ । ଥଣ୍ଡ କପଡ଼ାରେ ବାରମ୍ବାର ଶରୀରକୁ ପୋଛନ୍ତୁ । ମୁଣ୍ଡବିନ୍ଧା ଓ ବିତୃଷ୍ଣା ବା ବାନ୍ତି ବାନ୍ତି ଲାଗିବା, ରକ୍ତଚାପ ହ୍ରାସ ପାଇବା, ଘୁମାଇବା ପରି ଲାଗିବା କିମ୍ବା ଚେତାଶୂନ୍ୟ ହୋଇଯିବା, ଭୋକ ମରିଯିବା, ପାଟି ଶୁଖିଲା ଲାଗିବା, ଚର୍ମ ଶୁଷ୍କ ହୋଇଯିବା, ପରିସ୍ରା ଗାଢ଼ ହଳଦିଆ ରଙ୍ଗ ହେବା, ପରିସ୍ରା ପରିମାଣ ହ୍ରାସ ପାଇବା, ଏମିତିକି ପରିସ୍ରା ବନ୍ଦ ହୋଇଯିବା, ଆଖି କୋରଡ଼ିଆ ହେବା ସହ ମୁହଁ ରକ୍ତିମ ପଡ଼ିଯିବା, କାନ୍ଦିଲେ ବି ଆଖିରୁ ଲୁହ ନ ଆସିବା, ଆଦୌ ଝାଳ ନବହିବା ଓ ପ୍ରତି ମୁହୂର୍ତରେ ଅଚେତ ଲାଗିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଟିକୁ ଭର୍ତ୍ତି କରାଇଦେବା ଉଚିତ ହେବ ।

# ଖରାଦିନିଆ ପୋଷାକ

◆ କୃଷ୍ଣପ୍ରିୟା ତ୍ରିପାଠୀ



ଖରାଦିନେ ଦରକାର ହାଲୁକା ରଙ୍ଗ ଓ ହାଲୁକା ଡିଜାଇନ୍‌ର ପୋଷାକ । ଯାହା ସୁନ୍ଦର ଦେଖାଯାଉଥିବ ଏବଂ ପିନ୍ଧିବାକୁ ଆରାମ ଲାଗୁଥିବ । ସାଧାରଣତଃ ଖରା ଦିନ ପାଇଁ ଧଳା, ସବୁଜ, ହାଲୁକା ନୀଳ ଓ ହାଲୁକା ହଳଦିଆ ରଙ୍ଗର ପୋଷାକ ଭଲ । ଏଭଳି ପୋଷାକ ଆତ୍ମବିଶ୍ୱାସ ବଢ଼ାଇଦିଏ । ଯଦି ଟ୍ରେଣ୍ଡି ପାରମ୍ପରିକ ପୋଷାକ ପିନ୍ଧି ପାରୁଛନ୍ତି ଆହୁରି ଉତମ । ବସ୍ତ୍ର ଉପରେ ସୂତା କିମ୍ବା ଶିଳ୍କର କାରୁକାର୍ଯ୍ୟ ରହିଥିବା ପାରମ୍ପରିକ ପୋଷାକ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଟ୍ରେଣ୍ଡି ଲୁକ୍ ବି ଦିଏ । ଏହା ବ୍ୟତୀତ ଟ୍ରାଇବାଲ୍ କିମ୍ବା ଜଙ୍ଗଲିଆ ଥିବା ପ୍ରିଂଟ କୁର୍ତା, କଟନ୍ କୁର୍ତା ଉପରେ କଲମକରୀ କଳାକୃତି ଥିବା ଲମ୍ବା ଓ ଛୋଟ କୁର୍ତା ମଧ୍ୟ ଆପଣଙ୍କ ଟ୍ରାଡ଼ିସନାଲ ଲୁକ୍‌କୁ ଆହୁରି ଆକର୍ଷଣୀୟ କରି ଦେବ । ଆଉ ଟିକେ ଷ୍ଟାଇଲିସ୍ ହେବାକୁ ଡିପ୍ ନେକ୍ କଟିଙ୍ଗ୍ ଥିବା ପୋଷାକ ପିନ୍ଧି ପାରିବେ । ପର ବା ବଙ୍କା ପାଖୁଡ଼ା ଆକୃତିର ବୁଣା କିମ୍ବା ଚିତ୍ର ଥିବା ସାଙ୍ଗାନେରୀ ପ୍ରିଂଟ୍ ମହମ ଭଳି ରଙ୍ଗ କାଠିରେ ହୋଇଥିବା ହାଲୁକା ସୂକ୍ଷ୍ମ ରଙ୍ଗର ଟ୍ୟୁନିକ୍ ଭଳି ପାରମ୍ପରିକ ଶୈଳୀର କୁର୍ତା କିମ୍ବା ଶାଲୱାର-କମିଜ୍, ହାତ ତିଆରି ଏମ୍ବ୍ରୋଏଡ଼ରୀ ଶାଢ଼ୀ ମଧ୍ୟ ଖରାଦିନ ପାଇଁ ଉତମ । ଏହାଛଡ଼ା ବ୍ଲକ ପ୍ରିଂଟ ଥିବା ଆକର୍ଷଣୀୟ ଟପ୍ ଓ ସ୍କର୍ଟ କିମ୍ବା ଶାଲ୍‌ୱାର କମିଜ୍‌ରେ ବିଭିନ୍ନ ରଙ୍ଗ ବା ପାରମ୍ପରିକ କଳାକୃତି ହୋଇ ଥିଲେ ତାର ଦୃଶ୍ୟ ହିଁ ନିଆରା । ପୋଷାକ ହେଉଛି ଏକ ବ୍ୟକ୍ତିତ୍ୱର ପରିଚୟ ଓ ଆକର୍ଷଣ । ତେଣୁ ପୋଷାକ ଚୟନ ବେଳେ ଏ ଦିଗକୁ ଦୃଷ୍ଟିରେ ରଖିବା ଉଚିତ ।





# ଭଞ୍ଜଭୂମି ମହାବିଦ୍ୟାଳୟରେ ଶ୍ରୀଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ଖୁଣ୍ଟା(ନିପ୍ର) : ଖୁଣ୍ଟା ବ୍ଲକ ଅନ୍ତର୍ଗତ ଡୁକୁରା ଭଞ୍ଜଭୂମି ମହାବିଦ୍ୟାଳୟ ପରିସରରେ, ଆଦ୍ୟ ତା ୦୧.୦୫.୨୬ ରିଖ ପୂର୍ବାହ୍ନରେ ବିଦ୍ୟାପତି ଗଣେଶ ଠାକୁରଙ୍କ ମନ୍ଦୀର ପ୍ରତିଷ୍ଠା ଉତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି । ପ୍ରଥମେ ନିକଟସ୍ଥ ପୋଖୋରୀରୁ ଘଟ ଉତୋଳନ କରି, ନଗର କୀର୍ତନ ଓ ବ୍ୟାଣ୍ଡବାଜା ମାଧ୍ୟମରେ ବିରାଟ ସଭା ଯାତ୍ରାରେ ଡୁକୁରା ବଜାର ପରିକ୍ରମା କରି, କଲେଜ ରେ ଥିବା ଗଣପତିଙ୍କ ବିଗ୍ରହ ନିକଟରେ ଘଟ ପହଂଚିଥିଲା । ଅଧକ୍ଷ ସ୍ୱୟଂ ଘଟ ଉତୋଳନ କରିଥଲେ । ଆନୁଷ୍ଠାନିକ ଭାବେ ନୀତି କାନ୍ତି ଅନୁସାରେ ପୂଜା ଅର୍ଚ୍ଚନା ସହ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ଅପରାହ୍ନରେ ଉପସ୍ଥିତ ଛାତ୍ର ଛାତ୍ରୀ, ଅଭିଭାବକ



ଏବଂ ଶହସ୍ରାଧିକ ଅଂଚଳବାସୀ ପ୍ରସାଦ ସେବନ କରିଥିଲେ । ଭଞ୍ଜଭୂମି ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁଶାନ୍ତ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ମନ୍ଦୀର ପ୍ରତିଷ୍ଠା ଉତ୍ସବରେ, ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀ ଉମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ସଚ୍ଚିକାନ୍ତ ଚକ୍ର, ସହଦେବ ବେହେରା ଏବଂ ନେପଲିୟନ ଗିରୀଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଖୁଣ୍ଟା ଏବଂ ବଡସାହି ବ୍ଲକର ଉପାନ୍ତ ଆଦିବାସୀ ଅଂଚଳରେ, ଉଚ୍ଚ ଶିକ୍ଷାର ଉପାଦେୟତାକୁ ଲକ୍ଷ୍ୟରେ ରଖି ଶ୍ରୀ ସାହୁ ୧୯୯୩ ମସିହାରେ ବହୁ ଘାତ ପ୍ରତିଘାତ ମଧ୍ୟରେ ପ୍ରତିଷ୍ଠା କରିଥିଲେ ଏହି ଭଞ୍ଜଭୂମି ମହାବିଦ୍ୟାଳୟ । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହି ଅତୁଳନୀୟ ଅବଦାନ ପାଇଁ ଆଜି ଶ୍ରୀ ସାହୁ ଆଜି ସବୁ ଦିଗରୁ ପ୍ରଶଂସିତ ହେଉଛନ୍ତି । ଡୁକୁରା ଭଞ୍ଜଭୂମି ମହାବିଦ୍ୟାଳୟ ଆଜି ବିକାଶ ପଥରେ ଆଗେଇ ଚାଲିଛି । ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଅର୍ଥନୀତି ଅଧ୍ୟାପକ ପ୍ରଶାନ୍ତ କୁମାର ଜେନା, ଇତିହାସ ଅଧ୍ୟାପକ ମନରଞ୍ଜନ ସାହୁ, ସଂସ୍କୃତ ଅଧ୍ୟାପକ ଦିଲ୍ଲୀପ କୁମାର ଦାସ, ଡେମନଷ୍ଟ୍ରେଟର ଶ୍ରୀ ହୃଷୀକେଶ ବେହେରା, ଲାଇବ୍ରେରୀସୀୟାନ୍ ପୂର୍ଣ୍ଣ ଚନ୍ଦ୍ର ସାହୁ, ପି.ଇ. ଟି. ଅଶୋକ କୁମାର ପାତ୍ର ଏବଂ ଅବସର ପ୍ରାପ୍ତ ବରିଷ୍ଟ କିରାଣୀ ଶ୍ରୀ ରଘୁନାଥ ବେହେରା ପ୍ରାମୁଖ ଉପସ୍ଥିତ ଥିଲେ । କଲେଜର ପରିଚାଳନା କମିଟି ଅନ୍ୟ ସମସ୍ତ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲି ମାଫିଆଙ୍କ ରାଜ : ଗେଙ୍ଗୁଟି ନଦୀ ଶଯ୍ୟା ଲୁଟ୍ ଚାଲିଛି ପ୍ରାକୃତିକ ସମ୍ପଦ

ଧାମନଗର(ନିପ୍ର) : ପ୍ରଶାସନର ଆଖିରେ ଧୂଳି ଦେଇ ତଥା ପ୍ରଶାସନର ନାକ ତଳେ ଚାଲିଛି କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ । ଧାମନଗର ବ୍ଲକ ଧୁଶୁରି ଥାନା ଅନ୍ତର୍ଗତ ନରସିଂହପୁର ମୌଜାରେ ଏବେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ପହଂଚିଛି । ଧୁଷୁରୀ ପଂଚାୟତ ଓ ଭଟସାହି ପଂଚାୟତ ର ମଧ୍ୟ ସ୍ଥଳ ତଥା ବ୍ରାହ୍ମଣପାଳ କାଳୀମନ୍ଦିରର ପଛ ପଟ ଗେଙ୍ଗୁଟି ଶାଖା ନଦୀରୁ ଦିନ ଦ୍ୱିପ୍ରହରରେ ବେଆଇନ ଭାବେ ବାଲି ଉତୋଳନ କରାଯାଉଥିବା ବେଳେ ନଦୀର ଅସ୍ତିତ୍ୱ ଏବେ ସଙ୍କଟରେ । ମିଳିଥିବା ସୂଚନା ଅନୁଯାୟୀ, ନରସିଂହପୁର ମୌଜାର ଖାତା ନଂ ୮୧୦ ଏବଂ ପ୍ଲଟ ନଂ ୧୨ (ଏରିଆ ୬୭୨) ବିଶିଷ୍ଟ ଗେଙ୍ଗୁଟି ଶାଖା ନଦୀରୁ ନିୟମକୁ ଜଳାଞ୍ଜଳି ଦେଇ ବେଆଇନ ଭାବେ ବାଲି ଖୋଳା ଚାଲିଛି । କେବଳ ସେତିକି ନୁହେଁ, ଏହି ବାଲିକୁ ସୁରକ୍ଷିତ ଭାବେ ରଖିବା ପାଇଁ ମାଫିଆମାନେ ନିକଟସ୍ଥ ଖାତା ନଂ ୮୩୩, ପ୍ଲଟ ନଂ ୪୩୮୩ ଉପରେ ବାଲିର ଏକ ବିରାଟ ପାହାଡ଼ ଠିଆ କରିଛନ୍ତି । ନଦୀ ଶଯ୍ୟାରୁ ବେଆଇନ ଭାବେ ବାଲି ଉଠାଯାଉ ଥିବାରୁ ଜଳ ସଂରକ୍ଷଣ ଓ ପରିବେଶ ଉପରେ ଏହାର ଗଭୀର ପ୍ରଭାବ ପଡୁଛି । ପ୍ଲଟ ନଂ ୪୩୮୩ ଉପରେ ପ୍ରାୟ ୧୦୦୦ ଟ୍ରିପ୍‌ରୁ ଅଧିକ ବାଲି ଗଚ୍ଛିତ କରି ରଖାଯାଇଛି, ଯାହାକି ମାଫିଆଙ୍କ ଦମ୍ଭକୁ ସ୍ପଷ୍ଟ କରୁଛି । ଏତେ ବଡ଼ ଦୁର୍ନୀତି ଚାଲିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ କିମ୍ବା ରାଜସ୍ୱ ବିଭାଗ କାହିଁକି ଚୁପ୍ ରହିଛି, ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନିୟନ୍ତ୍ରିତ ବାଲି ଉତୋଳନ ଯୋଗୁଁ ନଦୀ ପଠା ଧସିବା ସହ ଆଗାମୀ ଦିନରେ ବନ୍ୟା ଭୟ ବଢିବାର ଆଶଙ୍କା ଦେଖାଦେଇଛି । ରାଜ୍ୟ ସରକାର ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ କଡ଼ା ନିୟମ କରିଥିବା ବେଳେ, ଏଠି କେଉଁ ଆଧାରରେ ଏହି କାରବାର ଚାଲିଛି ତାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ । ତୁରନ୍ତ ଏହି ବେଆଇନ ବାଲି ଜବତ କରାଯିବା ସହ ସଂପୃକ୍ତ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ସୁଚନା ଥାଉ କି ନଦୀ ପଠା ରେ ଏକ ପାହାଚ ନିର୍ମାଣ ପାଇଁ ସରକାରୀ ଅନୁଦାନ ଥିଲା ବେଳେ ତାହାକୁ ଆଳ କରି ସେଠାରୁ ଯେସିବି ଲଗାଇ ଟ୍ରକ ଓ ଟ୍ରାକ୍ଟର ରେ ନଦୀ ଗର୍ଭ ରୁ ଦିନ ଦିପହର ରେ ଏପରି ମାଫିଆ ମାନେ ମାଟି ଓ ବାଲି ଚୋରି କରୁଛନ୍ତି, ଏ ଦିଗରେ ଦେଉଳିଡିହ ଆର ଆଇଙ୍କୁ ଯୋଗା ଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷ ଜନକ ଉତର ଦେଇ ନଥିଲେ । ତେବେ ଭଦ୍ରକ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରା ଯାଇଛି ।

# କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କଲା ଏମସିଏଲ୍




ସମ୍ବଲପୁର(ନିପ୍ର) : ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ପକ୍ଷରୁ ଖଣିକ ଅଭିନନ୍ଦନ ଦିବସ ସମାରୋହ ପାଳିତ ହୋଇଯାଇଛି । ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏମସିଏଲ୍ କୋଇଲା ଖଣି ଶ୍ରମିକମାନଙ୍କ ଉତ୍କୃଷ୍ଟ କାର୍ଯ୍ୟକୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଜଗନ୍ନାଥ ଅଂଚଳ, ଏମ୍.ସି.ଏଲର ତତ୍ତ୍ୱାବଧାନରେ ଗତ ଶୁକ୍ରବାର ସନ୍ଧ୍ୟାରେ କମ୍ପାନୀର ମୁଖ୍ୟାଳୟ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶୀର୍ଷ ନେତୃତ୍ୱ, କର୍ମଚାରୀ ଏବଂ ହିତାଧିକାରୀ ମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା ଏବଂ ନିର୍ଦ୍ଦେଶକ (ବୈଷୟିକ/ପରିଚାଳନା) ଏସ୍.କେ. ଝା'ଙ୍କ ସମେତ ବିଭିନ୍ନ ବିଭାଗର ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଏବଂ ଯୁଗ୍ମ ପରାମର୍ଶ ଦାତା କମିଟି (ଆପେକ୍ସ) ର ସଦସ୍ୟମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ । ଦେଶର 'ଶକ୍ତି ଯୋଦ୍ଧା'ମାନଙ୍କ ସାହସ ଏବଂ ପ୍ରତିବଦ୍ଧତାକୁ ସଲାମ କରି ଅତିଥିମାନେ କୋଇଲା ଖଣି ଶ୍ରମିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ନିଜର ଉଦବୋଧନରେ ରାଓ କୋଇଲା ଉତ୍ପାଦନରେ କ୍ରମାଗତ ଭାବେ ୨୦୦ ମିଲିୟନ୍ ଟନ୍ ର ଲକ୍ଷ୍ୟ ହାସଲ କରି 'ହ୍ୟାଟ୍ରିକ୍' ଅର୍ଜନ କରିଥିବାରୁ ଟିମ୍ ଏମସିଏଲକୁ ଅଭିନନ୍ଦନ ଜଣାଇଥିଲେ ଏବଂ କର୍ମଚାରୀଙ୍କ ସାମୂହିକ ନିଷ୍ଠା ଓ ନିରନ୍ତର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଏହା ସହିତ କର୍ମଚାରୀଙ୍କ କଲ୍ୟାଣ ଏବଂ କର୍ମକ୍ଷେତ୍ରରେ ସୁବିଧାସୁଯୋଗର ଉନ୍ନତି କରଣ ଉପରେ ଏମସିଏଲର ନିରନ୍ତର ଧ୍ୟାନ ରଖିଥିବା ବିଷୟରେ ସେ ଆଲୋକପାତ କରିଥିଲେ । ଓଡ଼ିଶାରେ ସିଏସଆର କ୍ଷେତ୍ରରେ ସର୍ବବୃହତ ଯୋଗଦାନ ଦିଗରେ ଏମସିଏଲର ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ରାଓ, ସାମାଜିକ ଭିତିଭୂମି ନିର୍ମାଣ ତଥା ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ପାଇଁ କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଇଥିଲେ । ସେହିପରି ଶ୍ରୀ ଝା ଏବଂ ଶ୍ରୀ ବେହୁରା ଗତ ଆର୍ଥିକ ବର୍ଷରେ ଏମ୍.ସି.ଏଲର ଉନ୍ନତ କୋଇଲା ପ୍ରେରଣରେ ଶ୍ରେଷ୍ଠ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ । ଏମସିଏଲର ସାମୂହିକ ପ୍ରୟାସ ଏବଂ ପରିଚାଳନାଗତ ଉତ୍କର୍ଷତା ଆଗାମୀ ବର୍ଷଗୁଡ଼ିକରେ ଆହୁରି ବଡ଼ ସଫଳତା ଆଣିଦେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥିମାନେ କମ୍ପାନୀର ଶ୍ରେଷ୍ଠ ପ୍ରଦର୍ଶନକାରୀ ଏରିଆ ଏବଂ ପ୍ରକଳ୍ପ ଗୁଡ଼ିକୁ ସମ୍ବର୍ଦ୍ଧିତ କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀ ଏବଂ ଠିକା ଶ୍ରମିକ ମାନଙ୍କୁ ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ବର୍ଗରେ ସମୁଦାୟ ୭୬ଟି ପୁରସ୍କାର ପ୍ରଦାନ କରାଯାଇଥିଲା । ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଇବ୍ ଭ୍ୟାଲି ଏରିଆକୁ ସମ୍ମାନଜନକ 'ମାଲପୁରୀ ଟ୍ରଫି' ପ୍ରଦାନ କରାଯାଇଥିଲା ।

# ମାଟ୍ରିକ ପରୀକ୍ଷା : ୧୨ ଟପ୍ପର ତାଲିକାରେ

ଧାମନଗର(ନିପ୍ର) : ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ଭଦ୍ରକ ଜିଲ୍ଲା ତଥା ଧାମନଗର ବ୍ଲକରେ ଖୁସିର ଲହରି ଖେଳିଯାଇଛି । ଚଳିତ ବର୍ଷ ଭଦ୍ରକ ଜିଲ୍ଲାରୁ ସମୁଦାୟ ୧୦୯ ଜଣ ଛାତ୍ରଛାତ୍ରୀ ୫୪୦ରୁ ଉର୍ଦ୍ଧ୍ୱ ନମ୍ବର ରଖି 'ଏ-ୱାନ' (ଇ୧) ଗ୍ରେଡ ହାସଲ କରିଥିବାବେଳେ, ଏଥିରେ ଧାମନଗର ବ୍ଲକର ୧୨ ଜଣ କୃତୀ ଛାତ୍ରଛାତ୍ରୀ ସ୍ଥାନ ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଧାମନଗର ବ୍ଲକ ମଧ୍ୟରେ ସହିଦନଗର ନୋଡାଲ ହାଇସ୍କୁଲର ଛାତ୍ର ସାଇ ସାର୍ଥକ ନାୟକ ୫୬୦ ନମ୍ବର ରଖି ବ୍ଲକ ଟପ୍ପର ହେବା ସହ ଜିଲ୍ଲା ଟପ୍ପର ତାଲିକାର ୧୧ ନମ୍ବର ସ୍ଥାନରେ ରହିଛନ୍ତି । ସେହିପରି ବ୍ଲକର ଦ୍ୱିତୀୟ ଶୀର୍ଷରେ ସହିଦନଗର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଭାଗ୍ୟଲକ୍ଷ୍ମୀ ସୂତାର



(୫୫୭) ଏବଂ ତୃତୀୟ ସ୍ଥାନରେ କୋରୁଆ-ଗୋବିନ୍ଦପୁର ନୋଡାଲ ହାଇସ୍କୁଲର ତମନ୍ନା ନାୟକ (୫୫୪) ରହିଛନ୍ତି । ବ୍ଲକର ଅନ୍ୟ 'ଏ-ୱାନ' ଗ୍ରେଡ୍ ପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସହିଦନଗରର ଶୁଭଲକ୍ଷ୍ମୀ ପଣ୍ଡା (୫୪୦), ଅସୁରାଳି ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆୟୁଷ କୁମାର ମହାପାତ୍ର (୫୫୪) ଓ ରଘୁନାଥ ନାୟକ (୫୪୦), ସାଆଁଳପୁର ମହତାବନଗର ବାପୁଜୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ହିତାଂଶୁ ଶେଖର ସାହୁ (୫୪୬), ଶମ୍ଭୁନାଥ ରାଉତ (୫୪୧) ଓ ସ୍ମୃତିରଞ୍ଜନ ଦାସ (୫୪୦) ସାମିଲ ଅଛନ୍ତି । ଏହାବ୍ୟତୀତ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ହିବା ଅହମ୍ମଦ (୫୪୦), ଜାହାଙ୍ଗୀର ଜନତା ନୋଡାଲ ହାଇସ୍କୁଲର ଜ୍ୟୋତିରଞ୍ଜନ ପଣ୍ଡା (୫୪୦) ଏବଂ ପଙ୍ଗଟା ନାରାୟଣୀ ହାଇସ୍କୁଲର ପ୍ରାର୍ଥନା ରାଣୀ ନାୟକ (୫୪୦) ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି । ଏହି ଅଭୁତପୂର୍ବ ସଫଳତା ପାଇଁ ଅ*ଳର ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଖୁସି ପ୍ରକାଶ ପାଇଛି ।

ଜାହାଙ୍ଗୀର ସ୍ଥିତ ଜନତା ନୋଡାଲ ଉଚ୍ଚ ବିଦ୍ୟାପୀଠର ମେଧାବୀ ଛାତ୍ର ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟ ତଥା ଅଂଚଳ ପାଇଁ ଗୌରବ ଆଣି ଥିବାରୁ ବିଦ୍ୟାଳୟର ଛାତ୍ର ଜ୍ୟୋତି ରଞ୍ଜନ ପଣ୍ଡା ମୋଟ ୫୪୦ ନମ୍ବର ରଖି 'A1' ଗ୍ରେଡ ରେ ଉତୀର୍ଣ୍ଣ ହୋଇ ଥିବାରୁ । ଜ୍ୟୋତି ଙ୍କଏହି ସଫଳତା ପାଇଁ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ମୟ ଜେନା, ସହକାରୀ ଶିକ୍ଷକ ବାବୁରାମ ମଲିକ, ବିପିନି ମଲିକ, ସୁନୀଲ ସାହୁ, ଶଶିକାନ୍ତ ତରାଇ, ପ୍ରଗତିକା ଜେନା ଓ ପ୍ରଦୀପ ପତି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

କଟକ(ନିପ୍ର) : ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ଆଜି ସ୍ଥାନୀୟ ଶହୀଦ ଭବନ ଠାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ର ଗଠନ ଓ ନିର୍ମାଣ କ୍ଷେତ୍ରରେ ଶ୍ରମିକ ଭାଇ ଭଉଣୀ ମାନଙ୍କର ଅବଦାନକୁ ସମ୍ମାନ ଜଣାଇ ଥିଲେ । ଏଥି ସହ ଶ୍ରମିକ ଦିବସ ର ତାତ୍ପର୍ଯ୍ୟ ଓ ଶ୍ରମିକ ମାନଙ୍କ ବିହିତ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ । ଶ୍ରମିକ ଭାଇ ଭଉଣୀ ମାନଙ୍କର ସୁରକ୍ଷା ଏବଂ ଏଥି ସମ୍ବନ୍ଧୀୟ ସରକାରଙ୍କ ନିୟମାବଳୀ ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ । କଟକ ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କୁ ସବୁ କ୍ଷେତ୍ରରେ ଅଧିକ ସହାୟତା ରାଶି ପ୍ରଦାନ କରାଯାଇ ଆସୁଛି ବୋଲି ସୂଚନା ଦେବା ସହ ଅଧିକରୁ ଅଧିକ କିପରି କୁଶଳୀ ଶ୍ରମିକ ସୃଷ୍ଟି କରାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ସରକାରଙ୍କ ବିକଶିତ ଓଡିଶା ଗଠନ ପ୍ରକ୍ରିୟା ରେ ଶ୍ରମିକ ମାନେ ହେଉଛନ୍ତି ଆଧୁନିକ ଯୁଗର ବିଶ୍ୱକର୍ମା ବୋଲି ସେ ମତ ପ୍ରକାଶ କହିଥିଲେ । ଆୟୋଜିତ ଶ୍ରମିକ ଦିବସ ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ଯଥା ସ୍ୱାଭାବିକ ମୃତ୍ୟୁ କାଳୀନ ସହାୟତା ରାଶି ୩ ଲକ୍ଷ ଟଙ୍କାରୁ ବୃଦ୍ଧି କରାଯାଇ ୪ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣା ଜନିତ ମୃତ୍ୟୁ ନିମନ୍ତେ ସହାୟତା ରାଶି ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରା ଯାଇଥିବା ସମ୍ପର୍କରେ ଉପସ୍ଥିତ ଶ୍ରମିକ ଭାଇ ଭଉଣୀ ମାନଙ୍କୁ ଅବଗତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ୩୨୧୫ ଜଣ ହିତାଧିକାରୀ ଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା ଏବଂ ନୂତନଭାବେ ପଞ୍ଜୀକୃତ ହୋଇଥିବା ୨୦୦ ଜଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା । ମୃତ୍ୟୁ କାଳୀନ ସହାୟତା ରାଶି ୭ କୋଟି ୭୪ ଲକ୍ଷ, ଅନ୍ତେଷ୍ଟି କ୍ରିୟା ନିମନ୍ତେ ୧୩ ଲକ୍ଷ ୬୦ ହଜାର, ପ୍ରସୂତି କାଳୀନ ସହାୟତା ୯ ଲକ୍ଷ ୨୦ ହଜାର, ବିବାହ ନିମନ୍ତେ ୯ କୋଟି ୫୧ ଲକ୍ଷ, ଶିକ୍ଷାଗତ ସହାୟତା ୮୩ ଲକ୍ଷ ୯୭ ହଜାର ୪୦୦ ଟଙ୍କା ସମୁଦାୟ ଟ.୧୮କୋଟି ୩୧ଲକ୍ଷ ୭୭ ହଜାର ୪୦୦- ଙ୍କାର ସହାୟତା ରାଶି ମୁଖ୍ୟ ଅତିଥି ମାନ୍ୟବର ବିଧାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

# ବୈତରଣୀ ପଠାରେ ବନ୍ଧୁକ ଦେଖାଇ ଦାଦାଗିରି, ଧାମନଗର ଓ ଦଶରଥପୁର ସୀମାରେ ଉତ୍ତେଜନା

ଧାମନଗର(ନିପ୍ର) : ଭଦ୍ରକ ଓ ଯାଜପୁର ଜିଲ୍ଲା ସୀମା ଦେଇ ପ୍ରବାହିତ ବୈତରଣୀ ନଦୀରୁ ବେଆଇନ ବାଲି ଉତୋଳନକୁ କେନ୍ଦ୍ର କରି ରଣକ୍ଷେତ୍ର ପାଲଟିଛି ହୀରାପୁର ବାଲିଘାଟ । ଯାଜପୁର ଜିଲ୍ଲା ଦଶରଥପୁର ତହସିଲ ଅନ୍ତର୍ଗତ ତଳିହା ରାଜସ୍ୱ ମଣ୍ଡଳର ବାଲି ମାଫିଆମାନେ ନିଜ ସୀମା ଲଂଘି ଧାମନଗର ଅଂଚଳରୁ ବାଲି ଉଠାଇବା ସହ ଗ୍ରାମବାସୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଚାପା ଉତେଜନା ପ୍ରକାଶ ପାଇଛି । ଯାଜପୁର ଜିଲ୍ଲାର ହୀରାପୁର ବାଲିଘାଟକୁ ମାଫିଆମାନେ ୫ ବର୍ଷ ପାଇଁ ଲିଜ୍ ନେଇଥିବା ଦାବି କରୁଛନ୍ତି । ମାତ୍ର ବାସ୍ତବରେ ନଦୀ ଗର୍ଭରେ ବାଲି ଗଚ୍ଛିତ ନଥିବାରୁ ଭୂତତ୍ତ୍ୱବିତ୍‌ଙ୍କ ରିପୋର୍ଟ ଆଧାରରେ ଏହି ଖାଦାନ ବନ୍ଦ ରହିଥିଲା । ଏପରିକି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ 'କନସେଂଟ ଟୁ ଅପରେଟ୍' ମଧ୍ୟ



ମିଳିନାହିଁ । ତଥାପି ଗତକାଲି ୪ଟି ଜେସିବି ସାହାଯ୍ୟରେ ମାଫିଆ ମାନେ ହୀରାପୁର ଖାତା ନଂ ୬୪୯, ପ୍ଲଟ ନଂ ୨୨୫୬ରୁ ବାଲି ଉଠାଇବା ବାହାନାରେ ଧାମନଗର ତହସିଲର ଆନନ୍ଦପୁର ରାଜସ୍ୱ ଗ୍ରାମର ପ୍ଲଟ ନମ୍ବର ୧୧୪୪ ମଧ୍ୟକୁ ମାଡ଼ି ଆସିଥିଲେ । ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁର ଗ୍ରାମବାସୀ ନଦୀ ଗର୍ଭରେ ପହଂଚି ଏହି ବେଆଇନ ଉତୋଳନକୁ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା । ଏହି ସମୟରେ ଜଣେ ବାଲି ମାଫିଆ ରିଭଲଭର ଦେଖାଇ ଗୁଳି କରିଦେବାକୁ ଗ୍ରାମବାସୀଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ପ୍ରାଣ ବିକଳରେ ଗ୍ରାମବାସୀ ସେଠାରୁ ଫେରିଆସି ଭଦ୍ରକ ଜିଲ୍ଲାପାଳ ଓ ଏସପିଙ୍କୁ ଜଣାଇବା ପରେ ଧାମନଗର ପୋଲିସ ଘଟଣାସ୍ଥଳରେ ପହଂଚି ବୁଝାସୁଝା କରିଥିଲା । ବାଲି ମାଫିଆମାନେ କେବଳ ସୀମା ଲଂଘି ନାହାନ୍ତି, ବରଂ ନଦୀ ପଠାରେ ଥିବା ରାମବାଗ ରାଜସ୍ୱ ମଣ୍ଡଳର ସିଦ୍ଧେଶ୍ୱର ଗ୍ରାମର ପ୍ଲଟ ନଂ ୩୩୪କୁ ମଧ୍ୟ ମାଡ଼ି ଯାଇଛନ୍ତି । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ଧାମନଗର ଓ ଯାଜପୁରକୁ ସଂଯୋଗ କରୁଥିବା ବୈତରଣୀ ସେତୁ ନିକଟରୁ ବାଲି ଉତୋଳନ କରାଯାଉଛି । ଏହାଦ୍ୱାରା ସେତୁର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି ହେଉଥିବାରୁ ଆନନ୍ଦପୁର ଅଂଚଳର ଲୋକେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ସଂପର୍କରେ ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ, ସେ ଏହାକୁ ଜିଲ୍ଲାପାଳ ଓ ଖଣି ଉପନିର୍ଦ୍ଦେଶକଙ୍କ କ୍ଷମତା ପରିସରଭୁକ୍ତ ବୋଲି କହିବା ସହ ସୀମା ବିବାଦର ସମାଧାନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ଅପରପକ୍ଷରେ ଯାଜପୁର ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ମହାନ୍ତି ଏହି ବିବାଦୀୟ ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି । ନଦୀ ପଠାରେ ଏବେବି ସ୍ଥିତି ଉତେଜନାପୂର୍ଣ୍ଣ ରହିଥିବା ବେଳେ ପ୍ରଶାସନିକ ହସ୍ତକ୍ଷେପକୁ ସ୍ଥାନୀୟ ଲୋକେ ଚାହିଁ ରହିଛନ୍ତି ।

# ଚନ୍ଦନ ଯାତ୍ରା ଉତ୍ସବ ମହା ଆଡ଼ମ୍ବରରେ ପାଳିତ



ନୀଳଗିରି(ନିପ୍ର) : ନୀଳଗିରି ବ୍ଲକ ବରହମପୁର ପଂଚାୟର ଥିବା ବଡପୋଖରୀ ଠାରେ ରାଧାକୃଷ୍ଣ ଜୀଉ ଚନ୍ଦନ ଉତ୍ସବ କମିଟି ପକ୍ଷରୁ ୧୬ ବର୍ଷ ଧରି ଚାଲି ଆସୁଥିବା ଚନ୍ଦନ ଯାତ୍ରା ଚଳିତ ବର୍ଷ ଧୂମଧାମ ସହକାରେ ପାଳିତ ହୋଇ ଯାଇଛି । ଉକ୍ତ ଚନ୍ଦନ ଯାତ୍ରା ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ସନ୍ଧ୍ୟାରେ ଯୋଗଦାନ କରିଥିଲେ । ସ୍ଥାୟୀ ସଭାପତି ରବି ନାରାୟଣ ଚୌଧୁରୀ, ମୁଖ୍ୟ ଉପଦେଷ୍ଟା କୃତିବାସ ବେହେରା ସନ୍ଧ୍ୟାରେ ବିଧାୟକ ଙ୍କ ସହିତ ପୋଖରୀର ଚତୁର୍ପାଶ୍ୱ ବୁଲି ତଦାରଖ କରିବା ସହିତ ପୋଖରୀର ଚତୁର୍ପାଶ୍ୱ ଉନ୍ନତି ପାଇଁ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ରାଧା କୃଷ୍ଣଙ୍କ ବିଗ୍ରହଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ନୃତ୍ୟ, ଗୀତ, ବାଜା, ଭେରୀ, ତୁରୀ, ନାମ କୀର୍ତନ ସହିତ ଆଲୋକ ସଜ୍ଜା ବେଶ ଚିତାକର୍ଷକ ଥିଲା । ରାତ୍ରିରେ ବିଗ୍ରହଙ୍କୁ ଗ୍ରାମ ପରିକ୍ରମା ପରେ ବଡ ପୋଖରୀ ଠାରେ ଥିବା ନୌକାକୁ ଅଣାଯାଇଥିଲା । ବିଳମ୍ବିତ ରାତ୍ରିରେ ଠାକୁରଙ୍କୁ ନାବ କେଳି ପାଇଁ ପୋଖରୀ ରେ ନୌକା ବିହାର କରାଯାଇଥିଲା । ମୁଖ୍ୟ ଉଦ୍ୟକ୍ତା ପଦ୍ମନାଭ ବିନ୍ଧାଣୀଙ୍କ ସମେତ ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ଶଙ୍କର ନାରାୟଣ ସାହୁ, ଶଶଧର ଚୌଧୁରୀ, ଜୟନ୍ତ ପଟ୍ଟନାୟକ, ସୁଶାନ୍ତ ମହୁରୀଆ ପ୍ରମୁଖ କମିଟି ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ ।



# ସିପିଏମ୍ ଜିଲ୍ଲା ଅଫିସରେ ମଇ ଦିବସ ପାଳିତ

ବ୍ରହ୍ମପୁର(ନି.ପ୍ର.) ସିପିଏମ ପକ୍ଷରୁ ମଇ ଦିବସ ପାଳନ କରାଯାଇଛି ।ପ୍ରଥମେ ବରିଷ୍ଠ ଶ୍ରମିକ ନେତା ଅଳି କିଶୋର ପଟ୍ଟନାୟକ ଲାଲ ପତାକା ଉତୋଳନ କରିଥିଲେ ।



ଏହି ଅବସରରେ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରେ ଏକ ସଭା ଆୟୋଜିତ ହୋଇଥିଲା ।ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାଥି ଅଳି କିଶୋର ପଟ୍ଟନାୟକ ଶ୍ରମିକ ଦିବସକୁ ବିଶ୍ୱ ଶ୍ରମଜୀବୀ ମଣିଷର ଦାସତ୍ୱରୁ ମୁକ୍ତି ପାଇଁ ଲଢ଼େଇର ସ୍ମାରକୀ ଦିବସ ବୋଲି ଉଲ୍ଲେଖ କରିଥିଲେ ।ଏହି ଦିବସର ରକ୍ତକ୍ଷୟି ଲଢ଼େଇ ଶ୍ରମଜୀବୀ ମଣିଷକୁ ମାଲିକର ମର୍ଜି ପରିବର୍ତେ ୮ ଘଂଟା କାମ କରିବା ଅଧିକାର ପ୍ରଦାନ କରିଥିଲା ।କେବଳ ସେତିକି ନୁହେଁ ଏହି ଲଢ଼େଇ ଶ୍ରମିକଙ୍କୁ ସଂଘ ଗଢିବା, ମାଲିକ ସହିତ ମୂଲଚାଲ କରିବାଭଳି ଅଧିକାର ହାସଲ କରି, ସ୍ଥାୟୀ ଚାକିରି,ସର୍ବ ନିମ୍ନ ମଜୁରୀ ନିର୍ଦ୍ଧାରଣ, ବ୍ୱୋନସ ଓ ପେନସନଭଳି ସାମାଜିକ ସୁରକ୍ଷା ହାସଲ କରିବା ପାଇଁ ପ୍ରେରଣା ପାଇଥିଲା ।ଉଦବେଗର ବିଷୟ ୧୪୦ ବର୍ଷ ପରେ ବିଶ୍ୱବ୍ୟାପୀ ଶ୍ରମିକର ଏହି ଅଧିକାର ଛଡାଇ ନେବା ପାଇଁ ସରକାରମାନେ ଚକ୍ରାନ୍ତ କରୁଛନ୍ତି । ମାଲିକର ଲାଭ ପାଇଁ ଶ୍ରମ ଆଇନକୁ ପରିବର୍ତନ କରି ଦୁର୍ବଳ ଶ୍ରମ କୋଡ଼ ପ୍ରଣୟନ କରିଛନ୍ତି ।ଶ୍ରମିକମାନଙ୍କୁ ୧୨ ଘଂଟା କାମ କରାଇବା ପାଇଁ ଆଇନ ପ୍ରଣୟନ କରିଛନ୍ତି ।ସ୍ଥାୟୀ ବଦଳରେ ନିଯୁକ୍ତିକୁ ଅସ୍ଥାୟୀ କରାଯାଉଛି ।ଚିକିତ୍ସା ସୁବିଧା,ବ୍ୱୋନସ ଓ ପେନସନଭଳି ସମାଜିକ ସୁରକ୍ଷାକୁ ଛଡାଇ ନିଆଯାଉଛି । ଶ୍ରମିକମାନଙ୍କୁ ପୁଣି ଥରେ ମଳିକଙ୍କର ଗୋଟି ଶ୍ରମିକ କରିବା ପାଇଁ ମାଲିକ ଓ ସରକାର ଏକାକାର ହୋଇ କାର୍ଯ୍ୟ କରୁଛନ୍ତି ।ତେଣୁ ମାଲିକ ଲାଭର ପାହାଡ଼ ଉପରେ ବସିଲାବେଳେ ଶ୍ରମିକମାନେ ଉପାସରେ ଦିନ କାଟିବାକୁ ବାଧ ହେଉଛନ୍ତି । ୧୮୮୬ ମସିହାରେ ଚିକାଗୋ ସହରରେ ସମାନ ପରିସ୍ଥିତି ମଧ ଉପୁଜିଥିଲା ।ତେଣୁ ଆଜିର ଏହି ଐତିହାସିକ ମଇ ଦିବସ ଶ୍ରମିକମାନଙ୍କ ପାଇଁ କେବଳ ଆନନ୍ଦ ଉଲ୍ଲାସର ଦିବସ ନୁହେଁ ବରଂ ଲଢ଼େଇ ପାଇଁ ସଂକଳ୍ପର ଦିବସ ବୋଲି ଉଲ୍ଲେଖ କରିଥିଲେ । ସଂପ୍ରତିକ ଅବସ୍ଥାରେ ଜାତି, ବର୍ଣ୍ଣ, ଭାଷା ନିର୍ବିଶେଷରେ ଶ୍ରମଜୀବୀ ମଣିଷ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ମିଳିତଭାବେ ଲଢ଼ିବା ନିମନ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ଏଥିରେ ଶ୍ରମିକ ନେତା ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର,ମଧୁ ବେହେରା, ଗୋକୁଳ ତ୍ରିପାଠୀ, ନିଳ ମାଧବ ରଥ,ସୁବୋଧ ସାହୁ, ଇଠଝ ପାତ୍ର, ଡ଼ି ମୋହନ ରାଓ, ପ୍ରଶାନ୍ତ ଶତପଥୀ, ମୋହନ ରାଓ ଓ ରାଜରାଓ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।ସିଟୁ ଜିଲ୍ଲା ସଭାପତି ପ୍ରତାପ ଚୌଧୁରୀ ସଭା ପରିଚାଳନା କରିଥିଲେ ।

# ପଳୀକିରି ରାସ୍ତା ନିର୍ମାଣର ଗୋଟିଏ ମାସ ପରେ ଫାଟିଲା ରାସ୍ତା: ଦୁର୍ନୀତି ଅଭିଯୋଗ

ଧାମନଗର,(ନି.ପ୍ର.): ସରକାର ରାସ୍ତା ଘାଟ ନିର୍ମାଣ ପାଇଁ କୋଟି କୋଟିଟଙ୍କା ଖର୍ଚ୍ଚ କରୁଥିବା ବେଳେ ଯନ୍ତ୍ରୀ ଠିକାଦାର ଓ କିଛି ରାଜ ନେତାଙ୍କ ମିଳିତ ରେ ଦୁର୍ନୀତି ହେବା ସାଧାରଣ ରେ ଆଲୋଚନା ହେଉଛି । ଧାମନଗର ବ୍ଲକ ଭଗବାନପୁର ପଂଚାୟତ ଅନ୍ତର୍ଗତ ପୂର୍ବଡିଭାଗ ରାସ୍ତା ପଳିକିରି ଛକ ଠାରୁ ଚନ୍ଦେଶ୍ୱର ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା କାମରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ପ୍ରାୟ ୨ କୋଟି ୬୭ ଲକ୍ଷ ୧୯ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ରାସ୍ତା କାମ ସମାପ୍ତି ପୂର୍ବରୁ ହିଁ ନଷ୍ଟ ହେବା ଆରମ୍ଭ କରିଥିବାରୁ ବିଭାଗୀୟ କାର୍ଯ୍ୟଶୈଳୀ ଓ ଠିକାଦାରଙ୍କ ଭୂମିକା ଉପରେ ଗୁରୁତର ପ୍ରଶ୍ନ ଉଠିଛି ।ଉକ୍ତ ରାସ୍ତାର ମୋଟ ଦୈର୍ଘ୍ୟ ୨.୧୨୫ କିମି ଥିବାବେଳେ ତାହାରୁ ୦.୩୨୫ କିମି କଂକ୍ରିଟ୍ ପକା ରାସ୍ତା ରହିଛି । ତାସହିତ ୨୭୦ ମିଟର ଗାର୍ଡୱାଲ ଓ ୫ଟି କଲଭର୍ଟ ନିର୍ମାଣ ଯୋଜନା ରହିଛି । ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୧୩ ଲକ୍ଷ ୩୦ ହଜାର ଟଙ୍କା ଅଟକଳ ରଖାଯାଇଛି । କାମର ଠିକାଦାର ନିହାର ରଞ୍ଜନ ମହାପାତ୍ର ଥିବାବେଳେ ଗ୍ରାମ୍ୟ ନିର୍ମାଣ ବିଭାଗ, ଭଦ୍ରକ-୨ କାର୍ଯ୍ୟ ନିର୍ବାହ କରୁଛି କିନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ନିର୍ମାଣରେ ଖରାପ ଓ ସିମେଂଟ ସାମଗ୍ରୀ କମ୍ ବ୍ୟବହାର, ନିୟମ ଅବହେଳା ଓ ତଦାରଖର ଅଭାବ ଯୋଗୁଁ କାମ ଶେଷ ହେବା ପୂର୍ବରୁ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି । ପଳିକିରି ଛକରୁ ପିଚ ରାସ୍ତା ଆରମ୍ଭ ହୋଇ ନିକଟ ହନୁମାନ ମନ୍ଦିର ପାଖରେ ଶେଷ ହୋଇଛି । ସେଠାରୁ ପକା ରାସ୍ତା ଆରମ୍ଭ ହୋଇଛି । ସେହିଠୁ ପ୍ରାୟ ୫୦ ଫୁଟ ରାସ୍ତା ଫାଟି କେରା କେରା ହୋଇଯାଇଥିବା ଦେଖାଯାଉଛି ।ଏତେ ବଡ଼ ଅଟକଳ ଟଙ୍କାର କାମରେ ଏପରି ଦୟନୀୟ ଅବସ୍ଥା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । କାର୍ଯ୍ୟ ସରିବା ପୂର୍ବରୁ ଯଦି ରାସ୍ତା ଫାଟିବା ଆରମ୍ଭ କରିଛି, ତେବେ ଆଗାମୀ ଦିନରେ ଏହାର ସ୍ଥାୟୀତ୍ୱ କେତେ ରହିବ ବୋଲି ପ୍ରଶ୍ନ ଉଠୁଛି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଅଂଚଳବାସୀ ଦାବି କରିଛନ୍ତି ।ତେବେ ଏନେଇ ବିଭାଗର ଯନ୍ତ୍ରି ଙ୍କୁ ପଚାରିବାରୁ କୁହନ୍ତୁ, ଜେଉ ଜାଗାରେ ଫାଟିଛି ତାହା ମରାମତି କରି ଦିଆ ଯିବ ବୋଲି କହିଥିଲେ ।ତେବେ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଏପରି ରାସ୍ତା ଫାଟିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।



# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ବିମା ସହାୟତା

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପୁର୍ବପଡା ଗ୍ରାମର ସୁରେନ୍ଦ୍ର ଦାସ ଗତ ଡିସେମ୍ବର ମାସରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବେଳେ ପଳସା ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ତାଙ୍କୁ ବିମା ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ପଳସା ସମିତି କାର୍ଯ୍ୟାଳୟ ପରିସରରେ ସମ୍ପାଦକ ରାଜେଶ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ



ଆୟୋଜିତ କାର୍ଯ୍ୟକ୍ରମରେ ବୋର୍ଡ ସଭାପତି ହେମନ୍ତ କୁମାର ପୃଷ୍ଟି,ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଯଦୁନାଥ ସ ଓ ସୁପରଭାଇଜର ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗ ଦେଇ ସମସ୍ତ ରଣୀ ଓ ଚାଷୀ ନିଜକୁ ବିମାଭୁକ୍ତ କରାଇବାକୁ ପରାମର୍ଶ ଦେଇଥିଲେ । ଶେଷରେ ଅଧିକାରୀ ମାନେ ସୁରେନ୍ଦ୍ରଙ୍କ ସ୍ତ୍ରୀ ମାଳତୀ ଦାସଙ୍କୁ ବିମା ସହାୟତା ବାବଦକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ସମସ୍ତ ବୋର୍ଡସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

# ପଶ୍ଚିମ ବାଡ଼ ଓ ଜଳେଶ୍ୱର ଜମାଲପୁର ଅଟୋ ଆସୋସିଏସନ୍ସ ପକ୍ଷରୁ ଶ୍ରମିକ ଦିବସ ପାଳନ

ଜଳେଶ୍ୱର (ନି.ପ୍ର ) ୪୬ ନମ୍ବର ଲେବୁଲକ୍ରସିଙ୍ଗ ନିକଟସ୍ଥ (ସାହୁ ଛକ) ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ଶ୍ରମିକ ଦିବସ ପାଳନ ଅବସରରେ ଜଳେଶ୍ୱର ପଶ୍ଚିମ ବାଡ଼, ଜଳେଶ୍ୱର ଜମାଲପୁର ଅଟୋ ଆସୋସିଏସନ୍ସ ପକ୍ଷରୁ ଅନୁଷ୍ଠାନ ର ସାଧାରଣ ସମ୍ପାଦକ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ସଭାପତିତ୍ୱ ରେ ବିଶ୍ୱ ଶ୍ରମିକ ଦିବସ ପତାକା ଉତୋଳନ ତଥା ଶ୍ରମିକ ଦିବସ ପାଳନ ର ଆବଶ୍ୟକତା ସମ୍ପର୍କରେ ଆଲୋଚନା ଚକ୍ର ଲଅବସରରେ ମୁଖ୍ୟ ଅତିଥି ଭାବରେ ଶିକ୍ଷକ ଶ୍ରମିକ ସମନ୍ୱୟ ସମିତି, ଜଳେଶ୍ୱର ର ସଭାପତି ଦିଲ୍ଲୀପ କୁମାର ଗିରି ପତାକା ଉତୋଳନ କରିଥିଲେ । ବକ୍ତବ୍ୟରେ କହିଥିଲେ ୧୮୮୬ ମସିହାରେ ମେ ୧ ତାରିଖ ରେ ଚିକାଗୋ ସହରରେ ଶ୍ରମିକ ମାନଙ୍କ ଆନ୍ଦୋଳନ ରୁ ଶ୍ରମିକ ଦିବସ ପାଳିତ ହୋଇଆସୁଛି ବୋଲି କହିଥିଲେ ।ମୁଖ୍ୟ ବକ୍ତା ଭାବରେ ଶିକ୍ଷକ ଶ୍ରମିକ ସମନ୍ୱୟ ସମିତି ଜଳେଶ୍ୱର ଶାଖା ର ସମ୍ପାଦକ ଅଜିତ କୁମାର ଦାସ, ବରେଣ୍ୟ ଅତିଥି ଭାବରେ ଦିପ୍ତିମାନ ଆଚାର୍ଯ୍ୟ ଯୋଗଦେଇ ଶ୍ରମିକ ଦିବସ ପାଳନ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆସୋସିଏସନ୍ସ ର କର୍ମକର୍ତା, ସଦସ୍ୟ ମାନେ ଉପସ୍ଥିତ ଥିଲେ ସଭାପତି ବିଭୁରେନ୍ଦ୍ର ଦେ,ଯତିନ୍ଦ୍ର ସେନାପତି, ଉମାଶଙ୍କର ଜେନା,ବେଲାଲ ସାହା,ସମ୍ଭୁନାଥ ଜେନା, ଗୋପାଳ କୃଷ୍ଣ ବାରିକ, ରାଜିବ କୁମାର ଜେନା, ଶିଶିର କୁମାର ଦେ, ଗୋପାଳ ସେଠୀ, କାଳି ଚରଣ ମହାନ୍ତି, ଅରୁଣ ଗାଅନ,ହାଜତ ଅଲ୍ଲୀ ସାହା ପ୍ରଭୃତି ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଯତିନ୍ଦ୍ର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସ ଦଳର ନେତା ପୂର୍ବତନ ସରପଂଚ କାଳୀଚରଣଙ୍କ ପରଲୋକ

ନୀଳଗିରି(ନି.ପ୍ର.) ମହିଷାପଟା ଗ୍ରାମ ପଂଚାୟତ ର ପୂର୍ବତନ ସରପଂଚ କାଳୀଚରଣ ସିଂ ଙ୍କ ଦେହାନ୍ତ ହୋଇଛି । କିଛି ଦିନ ହେବ ସେ ଅସୁସ୍ଥ ଥିଲେ ।ଗତ କାଲି ରାତିରେ ହଟାତ ତାଙ୍କର ଦେହାନ୍ତ ହେବା ଖବର ପାଇବା ପରେ,ନୀଳଗିରି କଂଗ୍ରେସ ତରଫରୁ ନୀଳଗିରି ବ୍ଲକ ସଭାପତି ତପନ କୁମାର ରାଉତ, ପୂର୍ବତନ ଉପାଧକ୍ଷ ନୀଳଗିରି ବ୍ଲକ,ରାମକୃଷ୍ଣ ଜେନା, ଜଡିଦା ଗ୍ରା. ପ କଂଗ୍ରେସ ସଭାପତି ପିତାମ୍ବର ମିଶ୍ର, ମହିଷାପଟା ର ବରିଷ୍ଠ କଂଗ୍ରେସ ନେତା ହରିହର ଗିରି, ଙ୍କ ସହିତ ଉକ୍ତ ପଂଚାୟତ ର ବହୁ କଂଗ୍ରେସ କର୍ମୀ ପହଂଚି ତାଙ୍କୁ ଦଳୀୟ ପତାକା ଓ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କଂଗ୍ରେସ ସଭାପତି ଶ୍ରୀ ରାଉତ ତାଙ୍କ ପରିବାର କୁ ସମବେଦନା ଜଣାଇବା ସହିତ ତାଙ୍କର ଶୁଦ୍ଧି କ୍ରିୟା ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।କାଳିଚରଣ ଉକ୍ତ ପଂଚାୟତ ର ୩ଥର କଂଗ୍ରେସ ଦଳ ତରଫରୁ ସରପଂଚ ରୂପେ ନିର୍ବାଚିତ ହୋଇଥିଲେ । ଜନ ସେବାରେ ନିଜକୁ ସମର୍ପିତ କରିଥିଲେ ।ପ୍ରକୃତ ରେ ସେ ଜଣେ ସରଳ ନିଷ୍କପଟ ଓ ପରପକାରୀ ଦରଦୀ ମିଷ୍ଟଭାଷୀ ମଣିଷ ଥିଲେ ।ତାଙ୍କ ଦେହାନ୍ତ ରେ ଅଂଚଳ ରେ ଶୋକ ର ଛାୟା ଖେଳିଯାଇଛି ।ତାଙ୍କ ମର ଶରୀର ନିକଟରେ ତାଙ୍କ ର ତିନି ପୁଅ ଓ ପାଂଚ ଝିଅ ଙ୍କ ସହିତ ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।

# ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ଦିନର ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ

ଝାରସୁଗୁଡା(ନି.ପ୍ର.) ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ଆରମ୍ଭ ରେ ଡେପୁଟି ସି ଇ ଓ ଓରମାସ ଯୁବରାଜ ସାହୁ,ଜ଼ିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ ମୋନାଲିସା ପଟେଲ,ଡି. ପି. ଏମ. ଓ.ଏଲ.ଏମ., ଝାରସୁଗୁଡା ଡ଼.ପୁଷ୍ପଶ୍ରୀ ନାୟକ, ଡି ପି ଏମ ଓ ଏଲ ଏମ, ସୁନ୍ଦରଗଡ଼ ସକ୍ଷମୁଏଲ ଟପ୍ପୋ ଏବଂ ସୁଭଦ୍ରା ମାଆ ମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ର ଶୁଭକ୍ଷରମ୍ଭ କରିଥିଲେ କ୍ଷ ଆଜିର ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ



ରେ ନଟରାଜ କଳା କେନ୍ଦ୍ର, ଫୁଲବାଣୀ ଓଡିଶୀ ଓ ଆଦିବାସୀ ନୃତ୍ୟ, କ୍ରୀଷ୍ଣା ଡ୍ୟାନ୍ସ ଗ୍ରୁପ ସମ୍ବଲପୁରୀ ଡ୍ୟାନ୍ସ,ଅଦ୍ୱିତ ଦୀକ୍ଷିତ ଏବଂ ଆଦ୍ୟା ଅନ୍ୱେଷା ଚାଇନି - ଓଡିଶୀ ନୃତ୍ୟ,ଶ୍ରୀ ଚୈତନ୍ୟ ନିତ୍ୟାନନ୍ଦ ଘଂଟ ମୃଦଙ୍ଗ ସଂଘ (ଗଞ୍ଜାମ ) ପଶୁ ମୁଖା ନୃତ୍ୟ, ବେଦାନ୍ତ ରାଇଜ ଅଫ ଡ୍ୟାନ୍ସ ଏକାଡେମୀ - ହିନ୍ଦୀ ଓ ସମ୍ବଲପୁରୀ ରିମିକ୍ସ , ଉମେଶ କୁମ୍ଭାର ଏବଂ କଳାକାର ମାନେ ସମ୍ବଲପୁରୀ ମେଲୋଡି ପରିବେଷଣ କରିଥିଲେ କ୍ଷ ଏହି ସମସ୍ତ କାର୍ଯ୍ୟକ୍ରମ କୁ ଉଦଘୋଷକ ରୁପେଶ ସାହୁ, ଉଦଘୋଷିକା ସ୍ୱେଜଲ ପ୍ରଧାନ ଏବଂ ପ୍ରତୀକ୍ଷା ତ୍ରିପାଠୀ ପରିଚାଳନା କରିଥିଲେ କ୍ଷ ଝାରସୁଗୁଡା ଜ଼ିଲ୍ଲାପାଳ କୁଣକ୍ଷଲ ମୋତିରାମ ଚଓ୍ୱାଣ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଏବଂ ଆୟୋଜକ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜ଼ିଲ୍ଲା ପରିଷଦ ବିଶ୍ୱ ରଞ୍ଜନ ନାୟକ ଙ୍କ ଆବାହକତ୍ୱ ରେ ସୁଭଦ୍ରା ଶକ୍ତି ମେଳା ର ଚତୁର୍ଥ ଦିନର ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ଅନୁଷ୍ଠିତ ହୋଇଯାଇଛି ।

# ମେଟ୍ରିକ୍ ପରୀକ୍ଷା ରେ ମୟୂରଭଞ୍ଜ ଜିଲ୍ଲାର ଉଲ୍ଲେଖନୀୟ ପ୍ରଦର୍ଶନ

ବାରିପଦା, (ନି.ପ୍ର.) ଚଳିତବର୍ଷ ମେଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ଏଥର ଜିଲ୍ଲାର ପାସ୍ ହାର ୯୭.୫୨ ପ୍ରତିଶତ । ଯାହାକି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଢେର୍ ଭଲ ପ୍ରଦର୍ଶନ କରିଛି । ଚଳିତବର୍ଷ ୧୪୬ ଜଣ ଛାତ୍ରଛାତ୍ରୀ ମଧ ଏ୧ ଗ୍ରେଡ୍ ରେ ଉତୀର୍ଣ୍ଣ ହୋଇଛନ୍ତି । ପାର୍ଥସାରଥୀ ମହାନ୍ତ ( ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦା) ୫୮୮ ମାର୍କ ରଖି ଜିଲ୍ଲା ଟପ୍ପର ଭାବେ ଉଭା ହୋଇଛନ୍ତି । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ମେଧାବୀ ମୟୂରଭଞ୍ଜ" ଭଳି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ତରଫରୁ ହାତକୁ ନିଆଯାଇଥିଲା । ଏଥିରେ ପ୍ରତ୍ୟେକ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତି କରାଯାଉଥିଲା । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ମାଗଣା କୋଚିଂ ବ୍ୟବସ୍ଥା କରାଯାଇଥିଲା । ପିଲାଙ୍କ ପାଠ ପଢାରେ ସହାୟକ ହେବା ପରି ବିଭିନ୍ନ ଇ-କଂଟଂଟ ଯୋଗାଇ ଦିଆଯାଇଥିଲା । ଏହାଦ୍ୱାରା ପିଲାମାନେ ଭଲ ଭାବରେ ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇପାରିଥିଲେ । ଯାହାଦ୍ୱାରା ସମଗ୍ର ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲା ପାସ୍ ହାରରେ ୧୦ ସ୍ଥାନରେ ରହିଛି । ସେହିପରି ଚଳିତ ବର୍ଷ ଜିଲ୍ଲାର ୨୮୪ଟି ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି ।

# ଦଶମବୋର୍ଡରେ ଅଭିଲିପ୍ସା ଓ ସ୍ୱର୍ଣ୍ଣମୟୀ ନୀଳଗିରି ବ୍ଲକ୍ ଯୁଗ୍ମଟପ୍ପର

ନୀଳଗିରି(ନି.ପ୍ର.) ପ୍ରକାଶ ପାଇଛି ଚଳିତବର୍ଷର ଦଶମ ବୋର୍ଡପରୀକ୍ଷା ରେଜଲ୍ଟ । ତେବେ ଚଳିତବର୍ଷ ମଧ ଛାତ୍ରମାନଙ୍କ ତୁଳନାରେ ଛାତ୍ରୀମାନେ ଭଲ ରେଜଲ୍ଟ କରି ସଫଳତା ଅର୍ଜନ କରିଛନ୍ତି । ଚଳିତବୋର୍ଡ ପରୀକ୍ଷାରେ ୧୯୭୨ଜଣ ପଞ୍ଜୀକରଣ କରିଥିବାବେଳେ ୧୯୩୫ଜଣ ନୀଳଗିରି ବ୍ଲକରେ ପରୀକ୍ଷା ଦେଇଥିଲେ । ୩୭ଜଣ ଅନୁପସ୍ଥିତ ରହିଥିଲେ । ତେବେ ନୀଳଗିରି ବ୍ଲକ୍ ରେ ଏ ୧ ଗ୍ରେଡରେ ୯ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ନୀଳଗିରି ପିଏମଶ୍ରୀ କୈଳାସ ଚନ୍ଦ୍ର ସରକାରୀ ହାଇସ୍କୁଲରୁ ସର୍ବାଧିକ୪ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଥିବା ବେଳେ ତନ୍ମଧ୍ୟରୁ ୩ଜଣ ଛାତ୍ରୀ ଏବଂ ଜଣେ ଛାତ୍ର ଏ୧ଗ୍ରେଡରେ ଉତୀର୍ଣ୍ଣ ହୋଇଛନ୍ତି । ଉକ୍ତ ହାଇସ୍କୁଲ ଛାତ୍ରୀ ଅଭିଲିପ୍ସା ଶତପଥୀ ୫୫୩, ଆଲିଶା ନାୟକ ୫୪୬, ଦେବସ୍ମିତା ଦଳେଇ ୫୪୦, ମନଲିତ୍ କୁମାର ସିଂ ୫୪୦ନମ୍ବର ରଖି ବିଦ୍ୟାଳୟର ସୁନାମ ରଖିଛନ୍ତି । ସେହିପରି ମିତ୍ରପୁର ଚାଚାଜି ହାଇସ୍କୁଲର ଅଭିଜିତ ସାହୁ ୫୫୦, ସଜନାଗଡ ଚଣ୍ଡି ହାଇସ୍କୁଲର ଭକ୍ତିମୟୀ ମହାନ୍ତି ୫୪୦, ପିଏମଶ୍ରୀ ଅଯୋଧା ହାଇସ୍କୁଲର ଦିପାଂଶୁ ନାୟକ୫୪୦, କେନ୍ଦୁଖୁଂଟା ବିଷ୍ଣୁପ୍ରିୟା ହାଇସ୍କୁଲର ଛାତ୍ରୀ ସ୍ୱର୍ଣ୍ଣମୟୀ ଦେ ୫୫୩ ଏବଂ ବରହମପୁର ଦୀନବନ୍ଧୁ ହାଇସ୍କୁଲ ଛାତ୍ରୀ ଦିପ୍ତିମୟୀ ବେହେରା ୫୪୦ନମ୍ବର ରଖି ଏ ୧ଗ୍ରେଡରେ ଉତୀର୍ଣ୍ଣହୋଇ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି । ତେବେ ପୋଡ଼ାଶୂଳ ଜଡ଼ିଦା ଶାସନର ପରମେଶ୍ୱର ଶତପଥୀଙ୍କ ଝିଅ ଅଭିଲିପ୍ସା ଶତପଥୀ ଏବଂ କେନ୍ଦୁଖୁଂଟା ଗ୍ରାମର ଜୀବନ କୁମାର ଦେଙ୍କ ସୁପୁତ୍ରି ସ୍ୱର୍ଣ୍ଣମୟୀ ଦେ ଉଭୟ ୫୫୩ନଂ ରଖି ଯୁଗ୍ମଟପ୍ପର ହୋଇଛନ୍ତି ।

# ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା-୨୦୨୬ ଫଳ ପ୍ରକାଶିତ

ଝାରସୁଗୁଡା(ନି.ପ୍ର.) ଜିଲ୍ଲାର ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଉତମ ପ୍ରଦର୍ଶନ କରିଛନ୍ତି । ଗତ ବର୍ଷ ରାଜ୍ୟ ସ୍ତରରେ ପାସ୍ ହାର ୯୪.୯୩ ଥିବାବେଳେ ଏବର୍ଷ ୯୫.୩୩ ରହିଅଛି । ସେହିପରି ଝାରସୁଗୁଡା ଜିଲ୍ଲାରେ ଗତବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ପାସ୍ ହାର ୯୭.୮୭ରହିବା ସହିତ ୩୩ ଜଣ ଇ୧ ଗ୍ରେଡ଼ ପାଇଥିବା ଥିବା ବେଳେ ଏ ବର୍ଷ ପାସ୍ ହାର ୯୭.୮୯ ରହିବା ସହିତ ୭୮ ଜଣ ଇ୧ଗ୍ରେଡ଼ରେ ଉତୀର୍ଣ୍ଣ ହୋଇଛନ୍ତି । ଏହା ସହିତ ଗତ ବର୍ଷ ୩୦୦ ଜଣ ଛାତ୍ରଛାତ୍ରୀ ଇ୨ ଗ୍ରେଡ୍ ରେ ଉତୀର୍ଣ୍ଣ ହୋଇଥିବାବେଳେ ଏ ବର୍ଷ ୩୮୩ ଜଣ ଇ୨ ଗ୍ରେଡ୍ ରେ ଉତୀର୍ଣ୍ଣ ହୋଇଛନ୍ତି । ଜିଲ୍ଲା ର ମୋଟ୍ ୧୨୦ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୬୫ଟି ବିଦ୍ୟାଳୟର ଫଳ ଶତ ପ୍ରତିଶତ ରହିଛି । ଏ ବର୍ଷ ଜିଲ୍ଲାରେ ମୋଟ ୬୧୧୧ ଜଣ ଛାତ୍ରଛାତ୍ରୀ ମ୍ୟାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ଦାଖଲ କରିଥିବା ବେଳେ ୬୦୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୭୮ ଜଣ ଇ୧, ୩୮୩ ଜଣ ଇ୨, ୮୭୩ ଜଣ ଈ୧, ୧୩୫୫ ଜଣ ଈ୨, ୧୩୯୪ ଜଣ ଉ, ୧୨୦୯ ଜଣ ଊ, ୬୦୨ ଜଣ ର ଗ୍ରେଡ଼ ପାଇଥିବା ବେଳେ ୧୨୭ ଜଣ ଛାତ୍ର ଛାତ୍ରୀ ର ଗ୍ରେଡ଼ ପାଇଥିବାର ଝାରସୁଗୁଡା ଜିଲ୍ଲା ଶିକ୍ଷାଧିକାରୀ ଡ଼ ରାଧାକାନ୍ତ ଗଡ଼ତିଆ ପ୍ରକାଶ କରିଛନ୍ତି । ଝାରସୁଗୁଡା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ଉନ୍ନତି ନିମନ୍ତେ ଏ ବର୍ଷ ଏକ ଅଭିନବ ପ୍ରୟାସ 'ଉନ୍ମେଷ କାର୍ଯ୍ୟକ୍ରମ' ଚାରୋଟି ପର୍ଯ୍ୟାୟରେ ଅନୁଷ୍ଠିତ କରାଯାଇଥିଲା । ଯେଉଁଥିରେ ପରୀକ୍ଷା ମାଧ୍ୟମରେ ଚୟନୀତ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହା ସହିତ ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟଗୁଡିକରେ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଗତ ଦଶ ବର୍ଷର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ପ୍ରଶ୍ନୋତର ଲେଖିବା ପାଇଁ ଉତ୍ସାହିତ କରାଯିବା ସହିତ ବିଦ୍ୟାଳୟ ସମୟ ବାହାରେ ମଧ ରେମେଡ଼ିଆଲ୍ କ୍ଲାସ୍ ର ବ୍ୟବସ୍ଥା କରାଯାଇଥିଲା ଓ ଫୋନ କଲ୍ ମାଧ୍ୟମରେ ମଧ ଛାତ୍ରଛାତ୍ରୀମାନଙ୍କର ପାଠ ସମ୍ବନ୍ଧୀୟ ଦ୍ୱନ୍ଦ୍ୱ ଦୂର କରାଯାଉଥିଲା । ଯଦ୍ୱାରା ଜିଲ୍ଲାରେ ଦଶମ ଶ୍ରେଣୀର ଫଳାଫଳ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ସହିତ ୭୮ ଜଣ ଛାତ୍ରଛାତ୍ରୀ ଇ୧ ଗ୍ରେଡ଼ରେ ଉତୀର୍ଣ୍ଣ ହୋଇ ଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ଗଡ଼ତିଆ ପ୍ରକାଶ କରିବା ସହିତ ଉତ୍କୃଷ୍ଟତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ୧ମ ବ୍ରହ୍ମପୁର ବୁଲ୍ସ ଟ୍ରଫି: ଫାଇନାଲରେ ମୁହାମୁହିଁ ହେବେ ଆଲଫା କ୍ରିକେଟ କ୍ଲବ ବନାମ ଅକ୍ସଫୋର୍ଡ କ୍ଲବ

ବ୍ରହ୍ମପୁର(ନି.ପ୍ର.) : ବ୍ରହ୍ମପୁର ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ପ୍ରଥମ ବ୍ରହ୍ମପୁର ବୁଲ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଂଟ ୨ୟ ସେମିଫାଇନାଲ ମ୍ୟାଚ ଖେଳା ଯାଇଥିଲା । ଅକ୍ସଫୋର୍ଡ କ୍ରିକେଟ କ୍ଲବ ବନାମ ଖାଲେକ୍ସୀ କ୍ରିକେଟ କ୍ଲବ ସହ ମ୍ୟାଚ୍ ହୋଇଥିଲା । ଖାଲେକ୍ସୀ କ୍ରିକେଟ କ୍ଲବ ପ୍ରଥମ ଟସ ଜିଣି ବ୍ୟାଟିଂ ର ନିଷ୍ପତି ନେଇଥିଲା । ୧୯ ଓଭର ରେ ୧୦ ଗୋଟି ୱିକେଟ ବିନିମୟ ରେ ୧୧୫ ରନ୍ ସଂଗ୍ରହ କରିଥିବା ବେଳେ ଅକ୍ସଫୋର୍ଡ କ୍ରିକେଟ କ୍ଲବ ୧୫ ଓଭରେ ୫ ଗୋଟି ୱିକେଟ ବିନିମୟ ରେ ୧୧୮ ରନ୍ ସଂଗ୍ରହ କରିଥିଲା । ଅକ୍ସଫୋର୍ଡ କ୍ରିକେଟ କ୍ଲବ ବିଜୟ ହାସଲ କରିଥିଲା ।୨ ତାରିଖ ଅର୍ଥାତ୍



ଶନିବାର ଦିନ ଫାଇନାଲ ମ୍ୟାଚ ଅକ୍ସଫୋର୍ଡ ବନାମ ଆଲଫା ସହ ମହା ମୁକାବିଲା ଦେଖିବାକୁ ମିଳିବ । ଅତିଥି ରୂପେ ବରିଷ୍ଠ ନାଗରିକ ଉପେନ୍ଦ୍ର ମିଶ୍ର ସମାଜସେବୀ ଶିଶିର ପାଢ଼ୀ ଓକିଲ ପ୍ରଶାନ୍ତ ନାୟକ,ଶ୍ରୀୟା ହୋତା ଯୋଗ ଦେବା ସହ ମେନ୍ ଅଫ ଦି ମ୍ୟାଚ ବିଜୟ ଟିମ୍ ର କୁନାଲ ପଣ୍ଡା ଙ୍କୁ ଟ୍ରଫି ପ୍ରଦାନ କରଯାଇଥିଲା ।ଏହି ମ୍ୟାଚ କୁ ଦିରେନ ମିଶ୍ର, ରଞ୍ଜିନୀ କାନ୍ତ ରେଡ୍ଡୀ ଅମ୍ପାଇର ରୂପେ ପରିଚାଳନା କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକଦିବସ ପାଳନ

ଝାରସୁଗୁଡା(ନି.ପ୍ର.) ଜିଲ୍ଲାସ୍ତରୀୟ ମଇ ଦିବସ ତଥା ଅନ୍ତର୍ଜାତୀୟ ଶ୍ରମିକ ଦିବସ - ୨୦୨୬ ପାଳନ ସମାରୋହ ସମାରୋହ ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ, ଝାରସୁଗୁଡା ଠାରେ ମହାସମାରୋହ ର ସହିତ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ସମାରୋହ ର ମୁଖ୍ୟ ଅତିଥି ଭାବେ ଝାରସୁଗୁଡା ବିଧାୟକ ତଥା ଝାରସୁଗୁଡା ଜ଼ିଲ୍ଲା ଯୋଜନା ବୋର୍ଡ ର ଅଧକ୍ଷ ଶ୍ରୀ ଟଙ୍କଧର ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ରାଜସ୍ୱ



ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଙ୍କ ପ୍ରତିନିଧି ମଙ୍ଗଳ ସାହୁ, ସାଂସଦ, ବରଗଡ଼ ଙ୍କ ପ୍ରତିନିଧି ସୁନୀଲ କୁମାର ଦାଶ, ଅତିରିକ୍ତ ଜ଼ିଲ୍ଲାପାଳ (ସାଧାରଣ ) ବ୍ରଜବନ୍ଧୁ ଭୋଇ, ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଯୋଗ ଦେଇଥିଲେ କ୍ଷ କାର୍ଯ୍ୟକ୍ରମ ଆରମ୍ଭ ରେ ଜ଼ିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ ) ସୁନିତା ଲାକ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସମସ୍ତ ଅତିଥି ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ କ୍ଷ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ଦିବ୍ୟଜ୍ୟୋତି ନାୟକ ସଭା ପରିଚାଳନା କରିବା ସହ ମଇ ଦିବସ ର ଇତିହାସ, ବିଭିନ୍ନ ସରକାରୀ ଯୋଜନା ରେ ଶ୍ରମିକମାନେ ନ୍ୟାର୍ଯ୍ୟ ପ୍ରାପ୍ୟ ପାଇପାରିବେ ତାର ବିଭିନ୍ନ ଦିଗ ଉପରେ ଆଲୋକପକ୍ଷତ କରିଥିଲେ କ୍ଷ ଶ୍ରମ ଅଧିକାରୀ, ଲଖନପୁର ତରୁଣ କୁମାର ମହାନ୍ତି ନୂଆ ଶ୍ରମିକ କୋର୍ଡ ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଏବଂ ସରକାର ଙ୍କ ବିଭିନ୍ନ ସ୍କିମ ବିଷୟରେ ସୂଚନା ପ୍ରଦାନ କରିଥିଲେ କ୍ଷ ମୁଖ୍ୟଅତିଥି ଶ୍ରୀଯୁକ୍ତ ତ୍ରିପାଠୀ ଶ୍ରମ ବିଭାଗ ର ସମସ୍ତ ଯୋଜନା କିଭଳି ଲୋକଙ୍କ ପାଖରେ ପହଂଚିବ, ସେଥିପାଇଁ ମୁନିସିପାଲିଟିର ୱାର୍ଡ,ପଂଚାୟତ ଏବଂ ଶିଳ୍ପ ଅନୁଷ୍ଠାନ ରେ କ୍ୟାମ୍ପ କରି ଶ୍ରମିକ ମାନଙ୍କୁ ସଚେତନ କରିବା, ପଞ୍ଜିକରଣ କରିବା ପାଇଁ ରୁଟିନ ତିଆରି କରିବା ପାଇଁ ଶ୍ରମ ବିଭାଗ ର ଅଧିକାରୀ ଙ୍କ ଗୁରୁଦାୟିତ୍ୱ ରହିଛିଏବଂ ଅତିଶୀଘ୍ର ଶିବିର ର ଆୟୋଜନ କରିବା ପାଇଁ ମତବ୍ୟକ୍ତ କରିଥିଲେ କ୍ଷ ଏହି ଅବସରରେ ୩୭ ଜଣ ଶ୍ରମିକ ଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ଟ.୧୦୩,୦୦,୦୦୦/-, ଅନ୍ତେଷ୍ଟି କ୍ରିୟା ପାଇଁ ୩୭ ଜଣଙ୍କୁ ଟ ୧,୮୫,୦୦୦/-,ବିବାହ ସହାୟତା ରେ ୧୯୬ଜଣଙ୍କୁ ଟ ୯୭,୭୫,୦୦୦/-, ପ୍ରସବ କାଳୀନ ସହାୟତା ରେ ୨୫ ଜଣଙ୍କୁ ଟ ୨,୫୦,୦୦୦/- ,ପିଲାଙ୍କ ପାଠପଢା ପାଇଁ ୮୮ ଜଣଙ୍କୁ ଟ. ୯,୪୧,୮୦୦/- ଏହିପରି ସର୍ବମୋଟ ୩୮୩ ଜଣଙ୍କୁ ଟ. ୨,୧୪,୫୧,୮୦୦/- ଏବଂ ୫ ଜଣ ଅଣ ସଂଗଠିତ ଶ୍ରମିକ (ସାମାଜିକ ନିରାପତା ବୋର୍ଡ )ଙ୍କୁ ମୃତ୍ୟୁ କାଳୀନ ସହାୟତା ରେ ଟ ୮,୦୦,୦୦୦/-ସହାୟତା ରାଶି ମଞ୍ଜୁରୀ ହୋଇଥିବା ବେଳେ ଉପସ୍ଥିତ ଶ୍ରମିକ ମାନେ ଅତିଥି ମାନଙ୍କ ଠାରୁ ଡ଼ମି ଚେକ ଗ୍ରହଣ କରିଥିଲେ ଏବଂ ୨୧ ଟି ନୂଆ ଶ୍ରମିକ କାର୍ଡ ମଧ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଶ୍ରମ ବିଭାଗ ର ସମସ୍ତ ସହକାରୀ ଶ୍ରମ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ କ୍ଷ କାର୍ଯ୍ୟକ୍ରମ ରେ ଝାରସୁଗୁଡା ଜ଼ିଲ୍ଲା ର ବହୁ ଶ୍ରମିକ ଭାଇ, ଭଉଣୀ, ଗଣମକ୍ଷଧମ ପ୍ରତିନିଧି ଉଭୟ ଇଲେକଟ୍ରୋନିକ୍ସ ଏବଂ ପ୍ରିଂଟ ମିଡ଼ିଆ ର ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ମଇ ୪ରେ ବନ୍ଦ ରହିବ



ଭୁବନେଶ୍ୱର : ଆସନ୍ତା ସୋମବାର ମଇ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର ତା-୦୪.୦୫.୨୦୨୬ ରିଖରେ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଛତିଶଗଡ଼ରେ ନକ୍ସଲଙ୍କ ଆଇଇଡି ବିସ୍ଫୋରଣ : ୩ ଯବାନ ସହିଦ୍



ରାୟପୁର : ଛତିଶଗଡ଼ର କାଙ୍କେର ଜିଲ୍ଲାରେ ନକ୍ସଲଙ୍କ ଭୀରୁତାର କାର୍ଯ୍ୟ ସାମ୍ନାକୁ ଆସିଛି । ନକ୍ସଲଙ୍କ ଦ୍ୱାରା ଲଗାଯାଇ ଥିବା ବାରୁଦୀ ସୁଡ଼ଙ୍ଗରେ ବିସ୍ଫୋରଣ ହେବାରୁ ୩ ଜଣ ଯବାନ ସହିଦ ହୋଇଛନ୍ତି ଏବଂ ଜଣେ ଆହତ ହୋଇଛନ୍ତି । କୁହାଯାଉଛି ଯେ, ଯେବେ ଡିଆରଜିର ଯବାନ ଏକ ଆଇଇଡିକୁ ନିଷ୍କ୍ରିୟ କରିବାକୁ ଚେଷ୍ଟା କରୁଥିଲେ, ସେତେବେଳେ ଏଥିରେ ବିସ୍ଫୋରଣ ହୋଇଥିଲା । ଏହି ଘଟଣାରେ ଜଣେ ଇନସ୍ପେକ୍ଟରଙ୍କ ସମେତ ଡିଆରଜିର ୩ଜଣ ଯବାନ ସହିଦ ହୋଇଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି । ଉଲ୍ଲେଖନୀୟ ଯେ, ୩୧ ମାର୍ଚ୍ଚରେ ନକ୍ସଲବାଦରୁ ମୁକ୍ତ ଘୋଷିତ କରାଯିବା ପରେ ରାଜ୍ୟରେ ନକ୍ସଲୀ କାର୍ଯ୍ୟକଳାପ ସହ ଜଡ଼ିତ ଏହା ପ୍ରଥମ ବିସ୍ଫୋରଣ ଥିଲା । ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ଏହି ବିସ୍ଫୋରଣ ଛୋଟେବେଠିଆ ପୁଲିସ ଥାନା ଅଂଚଳ ଅନ୍ତର୍ଗତ ଏକ ଜଙ୍ଗଲରେ ହୋଇଛି । ଏହି ଅଂଚଳ ନାରାୟଣପୁର ଜିଲ୍ଲାର ସୀମା ନିକଟରେ ଅଛି । ଅଧିକାରୀ କହିଛନ୍ତି ଯେ, ବିସ୍ଫୋରଣ ସେହି ସମୟରେ ହୋଇଛି , ଯେବେ ଡିଆରଜିର ଟିମ୍ ନକ୍ସଲଙ୍କ ଲଗାଯାଇ ଥିବା ଆଇଇଡିକୁ ଚିହ୍ନଟ କରି ନିଷ୍କ୍ରିୟ କରିବାର ଅଭିଯାନ ଚଳାଇ ଥିଲେ । ଅଭିଯାନ ବେଳେ ସୁରକ୍ଷାକର୍ମୀଙ୍କୁ ଏକ ଆଇଇଡି ମିଳି ଥିଲା ।








# ବିଦେଶ ଗସ୍ତରେ ଯିବେ ବୈଦେଶିକ ମନ୍ତ୍ରୀ !



ନୂଆଦିଲ୍ଲୀ : ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ୨ ରୁ ୧୦ ମଇ ପର୍ଯ୍ୟନ୍ତ ଜାମାଇକା, ସୁରିନାମ ଏବଂ ତ୍ରିନିଦାଦ ଏବଂ ଟୋବାଗୋର ସରକାରୀ ଗସ୍ତରେ ରହିବେ । ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଏହି ଗସ୍ତ ସମୟରେ, ବୈଦେଶିକ ମନ୍ତ୍ରୀ ତିନୋଟି ଦେଶର ନେତୃତ୍ୱଙ୍କ ସହ ସାକ୍ଷାତ କରିବେ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ସହିତ ପାରସ୍ପରିକ ସ୍ୱାର୍ଥର ଆଂଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଜାମାଇକା, ସୁରିନାମ ଏବଂ ତ୍ରିନିଦାଦ ଏବଂ ଟୋବାଗୋ ସହିତ ଭାରତର ରାଜନୈତିକ ସମ୍ପର୍କକୁ ତ୍ୱରାନ୍ୱିତ କରିବା ଏବଂ ଏହି ଦେଶଗୁଡ଼ିକ ସହିତ ଆମର ଦୀର୍ଘସ୍ଥାୟୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପ୍ରୋତ୍ସାହିତ କରିବା, ଯାହା ଦକ୍ଷିଣ-ଦକ୍ଷିଣ ସହଯୋଗ ଏବଂ ବିକାଶ ପ୍ରତି ପାରସ୍ପରିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଉଲ୍ଲେଖନୀୟ ଯେ ଗିରମିଟିଆ ସମ୍ପ୍ରଦାୟର ଉପସ୍ଥିତି ଯୋଗୁଁ ଏହି ଦେଶଗୁଡ଼ିକର ଭାରତ ସହିତ ଏକ ବିଶେଷ ସମ୍ପର୍କ ରହିଛି । ବୈଦେଶିକ ମନ୍ତ୍ରୀ ଏହି ଦେଶଗୁଡ଼ିକର ପ୍ରମୁଖ ବ୍ୟବସାୟିକ ନେତା ଏବଂ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଦ୍ୱିପାକ୍ଷିକ ବୈଠକ ଏବଂ ପାରସ୍ପରିକ ଆଲୋଚନା କରିବାର ମଧ୍ୟ ଆଶା କରାଯାଉଛି ।

# ଭୁବନେଶ୍ୱରରେ ଓଡ଼ିଆ ଚଳଚ୍ଚିତ୍ର 'କାଙ୍ଗୁଲା'ର ସ୍ୱତନ୍ତ୍ର ସ୍କ୍ରିନିଂ ଦେଖିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ




ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଭୁବନେଶ୍ୱର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସ୍କ୍ରିନିଂରେ ନୂତନ ଓଡ଼ିଆ ଚଳଚ୍ଚିତ୍ର 'କାଙ୍ଗୁଲା'ର ଟ୍ରେଲର ଦେଖିବା ସହ ଏହାର ପ୍ରଶଂସା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅନୁଗୋଳର ପ୍ରସିଦ୍ଧ 'କାଙ୍ଗୁଲା' ଗ୍ରାମର ଦଣ୍ଡୁଆ ଦଳର ଜୀବନଶୈଳୀ ଓ ଆଧ୍ୟାତ୍ମିକ ବିଶ୍ୱାସକୁ ନେଇ ନିର୍ମିତ ଏହି ସିନେମା ଓଡ଼ିଆ ସଂସ୍କୃତିର ଏକ ନିଛକ ପ୍ରତିଛବି । ସେ ଆହୁରି କହିଛନ୍ତି, ଓଡ଼ିଆ ସିନେମା କେବଳ ମନୋରଞ୍ଜନ ନୁହେଁ, ଏହା ଏକ ସାମାଜିକ ବାର୍ତ୍ତା ଓ ଆନ୍ଦୋଳନ । 'କାଙ୍ଗୁଲା' ଭଳି ଚଳଚ୍ଚିତ୍ର ଆମ ସମାଜର ଆସ୍ଥା ଓ ଶ୍ରଦ୍ଧାକୁ ବଜାୟ ରଖିବାରେ ସହାୟକ ହେବ । ଓଡ଼ିଶାର ପାରମ୍ପରିକ 'ଦଣ୍ଡ ନାଚ' ଏବଂ ମାଆ କାଳୀଙ୍କ ମହିମା ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟି ଓଡ଼ିଆ ମାଟିର ମୌଳିକ କାହାଣୀକୁ ଅତି ଚମତ୍କାର ଭାବେ ଉପସ୍ଥାପନ କରିଥିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଚଳଚ୍ଚିତ୍ରର ମୁଖ୍ୟ କଳାକାର ସମ୍ବିତ ଆଚାର୍ଯ୍ୟ, ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ପଶ୍ଚିମ ଏସିଆ ପରିସ୍ଥିତି ଉପରେ ସରକାରଙ୍କ କଡ଼ା ନଜର

## କଳାବଜାରୀ ଓ ବେଆଇନ ମହଜୁଦ ଅଭିଯୋଗରେ ୭୩ ଏଲ୍‌ପିଜି ବିତରକଙ୍କ ଲାଇସେନ୍ସ ନିଲମ୍ବନ, ୩୪୨ ବିତରକଙ୍କୁ ଜରିମାନା

ନୂଆଦିଲ୍ଲୀ: ବଦଳୁଥିବା ଭୂ-ରାଜନୀତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସରକାର । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ କଳାବଜାରୀ ଓ ବେଆଇନ ଏଲ୍‌ପିଜି ମହଜୁଦକାରୀଙ୍କ ବିରୋଧରେ ଚଢ଼ଉ କରାଯାଉଛି । ଏହିକ୍ରମରେ ଶୁକ୍ରବାର ସୁଦ୍ଧା ୧୭୦୦ରୁ ଅଧିକ ଚଢ଼ାଉ କରାଯାଇଛି । ସରକାରୀ ତୈଳ କମ୍ପାନୀଗୁଡ଼ିକ ଆକସ୍ମିକ ଯାଂଚକୁ ସୁଦୃଢ଼ କରି ୩୪୨ ଟି ଏଲପିଜି ବିତରକ ସଂସ୍ଥା ଉପରେ ଜରିମାନା ଲଗାଇଛନ୍ତି, ଏବଂ ଗତକାଲି ସୁଦ୍ଧା ୭୩ ଟି ଏଲପିଜି ବିତରକ ସଂସ୍ଥାକୁ ନିଲମ୍ବିତ କରିଥିବା ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଆଜି ଆୟୋଜିତ ସାମ୍ବିଦିକ ସମ୍ମିଳନୀରେ ପ୍ରଦତ୍ତ ସୂଚନା ଅନୁସାରେ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ନିଶ୍ଚିତ କରିବାକୁ ସରକାର ସମସ୍ତ ପ୍ରକାର ପ୍ରୟାସ କରୁଥିବାରୁ ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଆତଙ୍କିତ କ୍ରୟରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଗୁଜବ ପ୍ରତି ସତର୍କ ରୁହି ସଠିକ୍ ସୂଚନା ପାଇଁ ସରକାରୀ ସୂତ୍ର ଉପରେ ଭରସା କରିବାକୁ ମନ୍ତ୍ରଣାଳୟ ନିବେଦନ କରିଛି । ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକମାନଙ୍କ ପାଖକୁ ଯିବାକୁ ବାରଣ କରିବାକୁ ଅନୁରୋଧ କରାଯାଇଛି । ନାଗରିକମାନଙ୍କୁ ପିଏନଜି ଏବଂ ଇଲେକ୍ଟ୍ରିକ୍ କିମ୍ବା ଇଣ୍ଡକସନ୍ କୁକ୍‌ଟପ୍ ଭଳି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି । ସମସ୍ତ ନାଗରିକଙ୍କୁ ବର୍ତ୍ତମାନର ପରିସ୍ଥିତିରେ ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂଚୟ କରିବା ପାଇଁ ଆବଶ୍ୟକ ପ୍ରୟାସ କରିବାକୁ ଅନୁରୋଧ କରାଯାଇଛି । ବର୍ତ୍ତମାନର ଭୂ-ରାଜନୈତିକ ସ୍ଥିତିରେ ଅସନ୍ତୁଳନତା ସତ୍ତ୍ୱେ, ସରକାର ଘରୋଇ ଏଲପିଜି, ଘରୋଇ ପିଏନଜି ଏବଂ ସିଏନଜି-ପରିବହନର ୧୦୦% ଯୋଗାଣ ନିଶ୍ଚିତ କରିଛନ୍ତି । ବାଣିଜ୍ୟିକ ଏଲପିଜି ପାଇଁ ହସ୍ପିଟାଲ, ଶିକ୍ଷାନୁଷ୍ଠାନକୁ ପ୍ରାଥମିକତା ଦିଆଯାଇଛି । ଏହା ବ୍ୟତୀତ ଫାର୍ମା, ଷ୍ଟିଲ୍, ଅଟୋମୋବାଇଲ୍, ବିହନ, କୃଷି ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି । ଏହା ସହିତ, ୨ ଏବଂ ୩ ମାର୍ଚ୍ଚ ୨୦୨୬ ର ହାରାହାରି ଦୈନନ୍ଦିନ ଯୋଗାଣ ଆଧାରରେ ପ୍ରବାସୀ ଶ୍ରମିକମାନଙ୍କୁ ୫ କିଲୋଗ୍ରାମ ଏଫଟିଏଲ୍ ? ଯୋଗାଣ ମଧ୍ୟ ଦ୍ୱିଗୁଣିତ କରାଯାଇଛି । ସରକାର ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଅନେକ ଯୁକ୍ତିଯୁକ୍ତ ପଦକ୍ଷେପ କାର୍ଯ୍ୟକାରୀ କରିସାରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି, ସହରାଂଚଳରେ ବୁକିଂ ବ୍ୟବଧାନ ୨୧ ରୁ ୨୫ ଦିନକୁ ଏବଂ ଗ୍ରାମାଂଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଯୋଗାଣ ବେଳେ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବାଲେଶ୍ୱର ମହିଳା କଲେଜରେ ନୂତନ ବିଭାଗ ପ୍ରାରମ୍ଭ ସମାରୋହ ଅନୁଷ୍ଠିତ



ବାଲେଶ୍ୱର : ବାଲେଶ୍ୱର ମହିଳା କଲେଜ ପରିସରରେ ସଂସ୍କୃତ, ଉର୍ଦ୍ଦୁ ତଥା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ର ପ୍ରାରମ୍ଭ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କଲେଜ ରେ ପୂର୍ବରୁ ସଂସ୍କୃତ ଓ ଉର୍ଦ୍ଦୁ ଭାଷା ବିଭାଗ ଥିଲେ ମଧ୍ୟ ସ୍ନାତକ ରେ ଏହି ଦୁଇ ବିଷୟରେ ସମ୍ମାନ ବିଭାଗ ଖୋଲା ହୋଇନଥିଲା । ସମ୍ମାନନୀୟ ଅତିରିକ୍ତ ଜିଲ୍ଲାପାଳ ତଥା ସଭାପତି, ପରିଚାଳନା କମିଟି ଶ୍ରୀଯୁକ୍ତ ସୁଧାକର ନାୟକ ଏବଂ ଅଧକ୍ଷ ଡ. ଉମାକାନ୍ତ ନାୟକ ସାର୍ ଙ୍କ କରକମଳରେ ଆଜି ତାହା ଉଦ୍‌ଘାଟିତ ହୋଇଯାଇଛି । ଏଥି ସହିତ ଓଡ଼ିଆ ସମ୍ମାନ କୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ପରିଣତ କରାଗଲା । କଲେଜ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ତଥା ଛାତ୍ରୀ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମଟିକୁ ସଫଳ କରାଇବା ସହ ନୂତନ ବିଷୟ ସଂଯୁକ୍ତ ରେ ସମସ୍ତେ ଖୁସି ବ୍ୟକ୍ତ କରିଛନ୍ତି ।

# ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗ ତରଫରୁ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଓ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର : ଲାୟନ୍ସ କ୍ଲବ ବାଲେଶ୍ୱର ଉମଙ୍ଗ ତରଫରୁ ଗତ ଅପ୍ରେଲ ୨୫ ତାରିଖ ଦିନ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଏବଂ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏଥିପାଇଁ ଗତ ଅପ୍ରେଲ ୨୫ ତାରିଖ କ୍ଲବର ପ୍ରେସିଡେଂଟ ଦୀପ୍ତି ଦାସ, ସେକ୍ରେଟାରୀ ସୁମିତା ଚାନ୍ଦ, ଟ୍ରେଜରର ଦମୟନ୍ତି ପତି, ଆରସି ବନ୍ଦନା ରାୟ, ଜେଡ଼ସି ଉର୍ମିଳା ଦାଶ, ପ୍ରଥମ ଭିପି ଶର୍ମିଷ୍ଠା ଦାଶ, ଦ୍ୱିତୀୟ ଭିପି ବବ୍‌ଲି ଖଣ୍ଡେଲୱାଲ, ଏବଂ କ୍ଲବର ସଦସ୍ୟା ବବିତା ମୋର, ଦର୍ଶନା ସାଙ୍ଗରି, ମାନସୀ ଦାସ, କ୍ରିଷ୍ଣା ଦାସ, ଭାବନୀ ପଟେଲ, ଗିରିଜା ମିଶ୍ର, ଆନି ବେହେରା, ସ୍ମନ୍ଦୀତା ପଣ୍ଡା, କାଞ୍ଚସେନୀ ଦାଶ, ସୋନାଲି ଦାସ, ଇପ୍‌ସୀତା ନାୟକ, ଅର୍ଚ୍ଚନା, ପ୍ରିୟଙ୍କା ଓ ଅନ୍ୟମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାଲେଶ୍ୱର ସହରର ଚିଡ଼ିଆପୋଲ ନିକଟରୁ ବାହାରି ସହରର ବିଭିନ୍ନ ଅଂଚଳ ପରିକ୍ରମା କରି ପୁଣି ସେହି ଚିଡ଼ିଆ ପୋଲ ନିକଟରେ ଶେଷ ହୋଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ପ୍ଲାଷ୍ଟିକ ତିଆରି ସାମଗ୍ରୀ ପ୍ରତ୍ୟାଖାନ କରି ପ୍ଲାଷ୍ଟିକ ପଦାର୍ଥର ପରିବେଶ ପ୍ରତି ଅପକାରୀତା ବିଷୟରେ ସଚେତନତା କରାଯାଇଥିଲା ।

# ୨୦୨୬ ବିଶ୍ୱକପ୍ ପାଇଁ ଭାରତୀୟ ମହିଳା ଟିମ୍ ଘୋଷଣା



ନୂଆଦିଲ୍ଲୀ: ୨୦୨୬ ମହିଳା ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ମହିଳା ଟିମ୍ ଘୋଷଣା କରାଯାଇଛି । ଚଳିତ ବର୍ଷ ଟି-୨୦ ବିଶ୍ୱକପ୍ ଇଂଲଣ୍ଡରେ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଂଟ ଜୁନ୍ ୧୨ ତାରିଖରେ ଆରମ୍ଭ ହେବାକୁ ଥିବା ବେଳେ ଜୁଲାଇ ୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ମହିଳା ଟି-୨୦ରେ ଭାରତର ପ୍ରଥମ ମ୍ୟାଚ୍ ଜୁନ୍ ୧୪ ତାରିଖରେ ପାକିସ୍ତାନ ବିପକ୍ଷରେ ହେବ । ଉଲ୍ଲେଖଯୋଗ୍ୟ ଯେ ମହିଳା ଟି-୨୦ ବିଶ୍ୱକପ୍ ଏପର୍ଯ୍ୟନ୍ତ ୯ ଥର ଖେଳାଯାଇଛି । ଅଷ୍ଟ୍ରେଲିଆ ମହିଳା ଦଳ ୬ ଥର ବିଶ୍ୱକପ୍ ଜିତିଛି । ଏହି ସମୟରେ ଭାରତୀୟ ମହିଳା ଦଳ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ସେମିଫାଇନାଲ୍ ପହଂଚିପାରି ନଥିଲା ।







Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**